ଧରିତ୍ରୀ
DHARITRI

June 2-8, 2019 ₹2/-

ଛୁଟିଦିନ



# ନିଖୋଜ ମଣିଷଙ୍କ କଥା

୩
ପ୍ରଚ୍ଛଦ ପ୍ରସଙ୍ଗ

ଅନେକ ଲୋକ ଅଚାନକ ଉଭାନ ହୋଇଯାଇଛନ୍ତି, ବର୍ଷବର୍ଷ ଧରି ସେମାନଙ୍କର କୌଣସି ପତ୍ତା ମିଳୁନାହିଁ। ସେହି ପତ୍ତା ମିଳୁ ନ ଥିବା ମଣିଷମାନେ ଯେ ମୃତ ସେକଥା ମଧ୍ୟ କୁହାଯାଇପାରୁନାହିଁ କାରଣ ମୃତକର କୌଣସି ଚିହ୍ନବର୍ଣ୍ଣ ସୁଦ୍ଧା ମିଳିନାହିଁ। ରହସ୍ୟ ଲାଗୁଥିଲେ ମଧ୍ୟ ଏଭଳି ଅନ୍ତର୍ଦ୍ଧାନ ସବୁ ସତ୍ୟ। ଆଉ ସେଭଳି ଅନ୍ତର୍ଦ୍ଧାନ ସବୁକୁ ବିଶ୍ୱ ଇତିହାସ ତା' ପୃଷ୍ଠାରେ ରହସ୍ୟମୟ ତାଲିକାରେ ସାଇତି ରଖିଛି...



୧୩
ସହରଠୁ ଦୂର



୮/୯
ସିନେମା

# ପ୍ରେଜେଣ୍ଟେବଲ ହେବା ଜରୁରୀ



✲ ବୃତ୍ତି କ୍ଷେତ୍ରରେ ଉତ୍ତମ କମ୍ୟୁନିକେଶନ୍ ସ୍କିଲ ରହିବା ନିହାତି ଜରୁରୀ। ତେଣୁ ନିଜ କମ୍ୟୁନିକେଶନ ସ୍କିଲକୁ ବଢାଇବାକୁ ଚେଷ୍ଟା କରନ୍ତୁ।

✲ ବୃତ୍ତିର ଚାହିଦା ଅନୁଯାୟୀ ନିଜର ଜୀବନଶୈଳୀକୁ ସେ ଅନୁସାରେ ଆପଣେଇବାକୁ ଚେଷ୍ଟା କରନ୍ତୁ।

✲ ଆପଣ ଯେଉଁ ବୃତ୍ତିରେ ଥାଆନ୍ତୁ ନା କାହିଁକି ନିଜକୁ ସବୁବେଳେ ଅପଡେଟ୍ ରଖନ୍ତୁ। ନୂଆ ଟେକ୍ନୋଲୋଜି, ନୂଆ ସିଷ୍ଟମ୍ ସହ ନିଜକୁ ଅପଟୁଡେଟ୍ ରଖିବା ଦ୍ୱାରା ଆପଣ ଯେ କୌଣସି ପରିବର୍ତ୍ତନକୁ ସହଜରେ ହ୍ୟାଣ୍ଡେଲ କରିପାରିବେ।

✲ ନିଜ ଭିତରେ ଥିବା ଅତିରିକ୍ତ ସାମର୍ଥ୍ୟକୁ କାର୍ଯ୍ୟରେ ଲଗାନ୍ତୁ ଯାହା ଆପଣଙ୍କୁ ଅନ୍ୟମାନଙ୍କଠାରୁ ପୃଥକ କରି ଏକ ସ୍ୱତନ୍ତ୍ର ପରିଚୟ ଦେଉଥିବ।

✲ କର୍ମକ୍ଷେତ୍ରରେ କନ୍‌ଫିଡେଣ୍ଟ ଦେଖାଯିବା ମଧ୍ୟ ବହୁତ ଜରୁରୀ। ଅଫିସ୍ ର ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆତ୍ମବିଶ୍ୱାସର ସହ କଥାବାର୍ତ୍ତା କରନ୍ତୁ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁନ୍ ୨-୮

**ମେଷ**
ମିତ୍ରବନ୍ଧୁ ଜୁଟିବେ, କର୍ମକ୍ଷେତ୍ରରେ ଉନ୍ନତି, ସଭାସମିତିରେ ସଫଳତା, ଜମିଜମା ବିବାଦ, କରଜ କରିବେ, କାର୍ଯ୍ୟବ୍ୟସ୍ତତା ବଢିବ, ସାମ୍ବାଦିକତାରେ ପ୍ରଶଂସା, ପାରିବାରିକ ସଦ୍‌ଭାବ, କଳାପ୍ରିୟ ହେବେ।

**ବୃଷ**
ଆରୋଗ୍ୟଲାଭ, ଅର୍ଥ ସମ୍ପର୍କିତ ବିବାଦ, ଫାଇଲ୍ କାମ ବୃଦ୍ଧି, ସଫଳତାରେ ଆନନ୍ଦ, ଯାତ୍ରାରେ ମିତ୍ରତା, କାମରେ ବିଶୃଙ୍ଖଳା, ସମସ୍ୟାର ସମାଧାନ, ସହାୟତା ପାଇବେ, ବାଣିଜ୍ୟରେ ଉନ୍ନତି।

**ମିଥୁନ**
ପାରିବାରିକ ମତଭେଦ, ଭୁଲ୍ ବୁଝାମଣାରୁ ଦ୍ୱନ୍ଦ୍ୱ, ସମସ୍ୟା ବଢିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ସ୍ତ୍ରୀଙ୍କ ସୁପରାମର୍ଶ, ଯାତ୍ରା ସ୍ଥଗିତ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି, ବିଶ୍ୱାସରୁ ହଇରାଣ, ବନ୍ଧୁ ପ୍ରସ୍ତାବ ଆସିବ, ଶାରୀରିକ ସୁସ୍ଥତା।

**କର୍କଟ**
ଭାରାକ୍ରାନ୍ତ ମନ, ପଡୋଶୀଙ୍କ ସ୍ୱାର୍ଥପରତା, ଦ୍ରବ୍ୟ ନଷ୍ଟ, ଶାରୀରିକ ଅସୁସ୍ଥତା, ଇଚ୍ଛା ବିରୋଧରେ କାମ, ଅବହେଳିତ କାର୍ଯ୍ୟ ପାଇଁ ଅନୁତାପ କରିବେ, ହିତୈଷୀଙ୍କ ପରାମର୍ଶ, ବିଦେଶଯାତ୍ରା, ପରିବହନରେ ଉନ୍ନତି।

**ସିଂହ**
ସହକର୍ମୀଙ୍କ ସାହାଯ୍ୟ, ସଂକୁଚିତ ବ୍ୟବସାୟ, ଅତିଥି ଚର୍ଚ୍ଚା, ସାହିତ୍ୟାନୁରାଗ, ଭ୍ରମଣରୁ କ୍ଳାନ୍ତି। ପରୋକ୍ଷଶତ୍ରୁତା, କାର୍ଯ୍ୟହାନି, ବିଚଳିତ ମନ, ଅର୍ଥ ସଙ୍କଟ, ସନ୍ତାନଙ୍କ ସମସ୍ୟା, କ୍ରନିକ୍ ରୋଗପୀଡା, ମାମଲାରୁ ଦୁଶ୍ଚିନ୍ତା, ଧର୍ମକାର୍ଯ୍ୟ।

**କନ୍ୟା**
ଅହେତୁକ ଚିନ୍ତା, ଆନ୍ଦୋଳିତ ମନ, ସମ୍ପର୍କ ହାନି, ବନ୍ଧୁଙ୍କ ସହଯୋଗ, ଅଧାପନ୍ତରିଆ କାମ, ଅଫିସ୍‌ରେ ଉଚ୍ଚବାଚ, ବିବାଦୀୟ ସ୍ଥିତି, ସମସ୍ୟା ସମାଧାନ, ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁମିଳନ, ଆନୁଷ୍ଠାନିକ କାମ, ପ୍ରଶାସନିକ ସଫଳତା।

**ତୁଳା**
ସହକର୍ମୀଙ୍କ ବିରୁଦ୍ଧାଚରଣ, ବନ୍ଧୁ ମିଳନ, ଖୁସିର ଆସର ଜମିବ, ପଡୋଶୀଙ୍କ ଅନୁରକ୍ତି, ଆଶା ଅନୁରୂପ ଫଳ। ଧର୍ମ କାର୍ଯ୍ୟରେ ନିଷ୍ଠା, କାର୍ଯ୍ୟସିଦ୍ଧି, ଆର୍ଥିକ ଉନ୍ନତି, ବସ୍ତ୍ରଭୂଷଣ ପ୍ରାପ୍ତି, ରାଜନୈତିକ ପ୍ରଶଂସା, ଶିଳ୍ପବାଣିଜ୍ୟରେ ଅଭିବୃଦ୍ଧି।

**ବିଛା**
ନୂତନ କାମର ପରିକଳ୍ପନା, ବନ୍ଧୁଙ୍କ ପରାମର୍ଶ, ସମସ୍ୟା ସମାଧାନ, ସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ଅବହେଳା, କୈଫିୟତ ଦେବେ, ଶୁଭ ଖବର ପ୍ରାପ୍ତି, ଖୁସିଗପର ମଉକା, ସତ୍‌ସଙ୍ଗ, ଧାର୍ମିକ କାର୍ଯ୍ୟ, ଲୋକସମ୍ପର୍କ ବୃଦ୍ଧି, ଯାତ୍ରାରେ ସଫଳତା।

**ଧନୁ**
ଭୁଲ ବୁଝାମଣା, ଜିଦ୍‌ଖୋରରୁ ସମସ୍ୟା, ପଡୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ପରିବହନରେ ବିବାଦ, ବୁଝାମଣାର ଆଶା, ବାଣିଜ୍ୟର ଅଭିବୃଦ୍ଧି, ଅଭିଯୋଗ ଆସିପାରେ, ଯାତ୍ରା ସ୍ଥଗିତ ରହିବ।

**ମକର**
ମାନସିକ ଅସ୍ଥିରତା, ଅପ୍ରିୟସତ୍ୟରୁ ବିବାଦ, ଠକାମିରେ ପଡିପାରନ୍ତି, ପାରିବାରିକ ଅଶାନ୍ତି , ଅର୍ଥ ସାହାଯ୍ୟ ପାଇବେ, ଦୂରଯାତ୍ରାର ମସୁଧା, ମାଙ୍ଗଳିକ କାର୍ଯ୍ୟ, ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା, ମୂଲ୍ୟବାନ ଦ୍ରବ୍ୟଲାଭ, ବନ୍ଧୁମିଳନ।

**କୁମ୍ଭ**
ବିବାଦଗ୍ରସ୍ତ ହେବେ, କାର୍ଯ୍ୟ ହାନିରୁ କ୍ଷୋଭ, ଯାନବାହନ ଲାଭ, ପାରିବାରିକ ସୌଖ୍ୟ, ପରିସ୍ଥିତିର ମୁକାବିଲା, ବନ୍ଧୁ ଆସିବେ। ଭ୍ରମଣଜନିତ ଅବସାଦ, ଖର୍ଚ୍ଚଭାର ବୃଦ୍ଧି, ନୂତନ ନିଯୁକ୍ତି, ରାଜନୀତିରେ ପଦମର୍ଯ୍ୟାଦା, ସଭାସମିତିରୁ ପ୍ରଶଂସା।

**ମୀନ**
ମନ ଖୁସି ରହିବ, ନୂତନ କାର୍ଯ୍ୟାରମ୍ଭ, ବନ୍ଧୁ ପ୍ରୀତି, ଅର୍ଥନୈତିକ ଅଭିବୃଦ୍ଧି, ସାଂସ୍କୃତିକ କାର୍ଯ୍ୟ, ଯାତ୍ରାରେ ସୁଫଳ। ଆତ୍ମୀୟ ସ୍ୱଜନଙ୍କ ପାଇଁ ଚିନ୍ତା। ଅର୍ଥପ୍ରାପ୍ତିରୁ ଆନନ୍ଦ, ସମ୍ପର୍କ ଯୋଡିବେ, ସହାୟତା ମିଳିବ, ବିବାଦର ସମାଧାନ, ବ୍ୟବସାୟିକ ସଫଳତା।

# ନିଆରା ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ପ୍ରଥା ପରମ୍ପରା ପ୍ରଚଳିତ ହୋଇ ଆସୁଛି। ସେହିଭଳି ବିଭିନ୍ନ ଅବସରରେ ନିଆରା ପ୍ରତିଯୋଗିତାମାନ ମଧ୍ୟ ଅନୁଷ୍ଠିତ ହୋଇଥାଏ। ତେବେ ଇଣ୍ଡୋନେସିଆରେ ସ୍ୱତନ୍ତ୍ରତା ଦିବସ ଅବସରରେ ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସରେ ସେଠାକାର ଅଧିବାସୀଙ୍କ ମଧ୍ୟରେ ଏକ ମଜାଦାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। 'ପନଜତ୍ ପିନାଙ୍ଗ' ନାମରେ ପ୍ରସିଦ୍ଧ ଏହି ପ୍ରତିଯୋଗିତାରେ ପ୍ରତିଯୋଗିଙ୍କୁ ଖସଡା ଖମ୍ବ ଉପରେ ଚଢିବାକୁ ହୋଇଥାଏ। ଏହି ପ୍ରତିଯୋଗିତା ଅନୁଯାୟୀ ପ୍ରତିଯୋଗିଙ୍କୁ ବିଭିନ୍ନ ଦଳରେ ଭାଗ କରାଯାଇଥାଏ। ପ୍ରତ୍ୟେକ ଦଳକୁ ମାଟିରେ ପୋତାଯାଇଥିବା କାଠର ଖମ୍ବ ଉପରେ ଚଢି ଖମ୍ବ ଉପରେ ରଖାଯାଇଥିବା ବିଭିନ୍ନ ଉପହାର ପର୍ଯ୍ୟନ୍ତ ପହଁଚିବାକୁ ହୋଇଥାଏ। ଯେଉଁ ଦଳ ଖୁବ୍ କମ୍ ସମୟରେ ଖମ୍ବ ଉପରେ ଥିବା ଉପହାର ପର୍ଯ୍ୟନ୍ତ ଚଢିବେ ତାଙ୍କୁ ସେହି ଉପହାର ପୁରସ୍କାର ସ୍ୱରୂପ ଦିଆଯାଇଥାଏ। ସୁଉଚ୍ଚ କାଠ ଖମ୍ବଗୁଡ଼ିକୁ ପୂର୍ବରୁ ମସୃଣ କରାଯାଇଥାଏ ଯେଉଁଥିରେ ଚଢିବା ପାଇଁ ଖୁବ୍ କଷ୍ଟ କରିବାକୁ ପଡିଥାଏ। ଦଳର ପ୍ରତିଯୋଗିମାନେ ପରସ୍ପରକୁ ସାହାଯ୍ୟ କରିଥାନ୍ତି ଖମ୍ବ ଉପରେ ଚଢିବା ପାଇଁ। ଏହି କୌତୁହଳ ପୂର୍ଣ୍ଣ ପ୍ରତିଯୋଗିତା ଦେଖିବା ପାଇଁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଦେଖଣାହାରୀ ସେଠାରେ ଏକତ୍ରିତ ହୋଇଥାନ୍ତି।



# ପାଠକୀୟ

❖ଉପକୂଳ ଓଡିଶାରେ ଏମିତି କିଛି ଗାଁ ଅଛି, ଯେଉଁଠାରେ ଲୋକେ ବାରମ୍ବାର ବନ୍ୟାବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୁଅନ୍ତି। ପୁଣି ଅଣ୍ଟା ଭିଡ଼ି ଛିଡ଼ା ହୁଅନ୍ତି। ତେବେ କେମିତି ଥାଏ ତାଙ୍କ ବାତ୍ୟା ପରର ଜୀବନ। ଏମିତି ଏକ ହୃଦୟ ବିଦାରକ ଘଟଣାବଳୀକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାତ୍ୟା ପରର ଜୀବନ' ଟିକୁ ପଢିବାକୁ ବେଶ୍ ଦୁଃଖ ଲାଗିଥିଲା। କିନ୍ତୁ 'ସୁଖଦ ଯାତ୍ରା ପାଇଁ' ଏବଂ 'ପେଟ୍ କ୍ରିଏଟିଭ୍ ଗ୍ରୁମିଙ୍ଗ' ନାମକ ପାଠଦୁଇଟି ଅନେକ ନୂଆ କଥା ଶିଖାଇଲା।

*-ଦମୟନ୍ତୀ ରାଉତ, ଭବାନୀପାଟଣା*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ବାତ୍ୟା ପରର ଜୀବନ' ନାମକ ପାଠଟିରୁ ଓଡିଶାର ବିଭିନ୍ନ ସ୍ଥାନରେ ହୋଇଥିବା ବାତ୍ୟା ଜନୀତ କ୍ଷୟକ୍ଷତିକୁ ଦେଖି ଦୁଃଖ ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ଗୀତିକାର ତଥା ବହୁମୁଖୀ ପ୍ରତିଭାର ଅଧିକାରୀ 'ଜାଭେଦ ଅଖତର'ଙ୍କ ଜୀବନ କାହାଣୀ ସମ୍ପର୍କରେ ପଢି ଅନେକ ଅଜଣା କଥା ଜାଣିହେଲା। ସେହିପରି ସୃଜନ ପୃଷ୍ଠାର 'କୁନି ଆସିଲା ଫନୀ ଗଲା' ନାମକ ଗପଟି ବି ମୋ ମନ କିଣିନେଲା।

*-ଲକ୍ଷ୍ମଣ ମିଶ୍ର, ବାସୁଦେବପୁର, ଭଦ୍ରକ*

❖ସିନେମା ପୃଷ୍ଠାରେ ସ୍ଥାନିତ କ୍ୟାଟ୍ରିନାଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ସେହିପରି ସଲମାନ୍‌ଙ୍କୁ ନେଭି ଅଫିସର୍‌ର ଗେଟ୍‌ଅପ୍ ବି ବେଶ୍ ଭଲ ମାନୁଥିଲା। ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଅବସରପ୍ରାପ୍ତ ଶାସନ ସଚିବ ତଥା ସମାଜସେବୀ ଡ. ଇଂ ନନ୍ଦନନ୍ଦନ ଦାସଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବି ହୃଦୟସ୍ପର୍ଶୀ ହୋଇପାରିଥିଲା। କୋହ୍ଲାପୁରୀ ଚପଲ ବି ଫ୍ୟାଶନର ଏକ ନୂଆ ଟ୍ରେଣ୍ଡ ସମ୍ପର୍କରେ ମୋତେ ଅବଗତ କରାଇଲା।

*-ଶାଶ୍ୱତ ସାହୁ, ଅଠରନଳା, ପୁରୀ*

❖ମଡେଲ୍ ମିରର୍‌ରେ ଖୁସୀ ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। ସେହିପରି 'ଗୋଆର ବାଣିଜ୍ୟିକ ଓ ସାଂସ୍କୃତିକ ରାଜଧାନୀ ମାର୍ଗାଓ' ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ହାଃ ହାଃ ଏତେ ମଜାଦାର୍ ହେଉଛି ମୁଁ ମୋ ହସକୁ କଣ୍ଟ୍ରୋଲ୍ କରିପାରୁନି। 'ଡିଗ୍ରୀଧାରୀ କୁକୁର' ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା ପଢିବାକୁ।

*-ରାକେଶ ରାଉଳ, ଜଟଣୀ, ଖୋର୍ଦ୍ଧା*

❖ଯାତ୍ରା ପୃଷ୍ଠାରେ ସ୍ଥାନିତ 'ଆଙ୍କର ହେବା ସହଜ ନୁହେଁ', 'ଖଳନାୟକ ନୁହେଁ;ଆଣ୍ଟିହିରୋ' ଆଦି ପାଠଦୁଇଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। ସେହିପରି 'ଲିପ୍ ଆର୍ଟ', 'ମସଲ୍ ମମ୍' ଆଦି ପାଠଦୁଇଟି ଖୁବ୍ ଆଶ୍ଚର୍ଯ୍ୟକର ବିଷୟ ଥିଲା ପଢିବାକୁ। ଅନ୍ୟପକ୍ଷେ ସାଥୀର ଉତ୍ତର ଖାସ୍ କରି ଏହାର ହେଡିଂ ବି ସବୁବେଳେ ମୋତେ ଆକର୍ଷିତ କରିଥାଏ।

*-ସନ୍ଧ୍ୟାରାଣୀ ଷଡଙ୍ଗୀ, ବିଞ୍ଝାରପୁର, ଯାଜପୁର*

## ବିଶେଷ ଚିଠି




ଧରିତ୍ରୀ ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗ
ଅତି ମନଲୋଭା, ଲାଗେ ସୁନ୍ଦର
ସୃଜନ ପୃଷ୍ଠାରେ ଗଳ୍ପ, କବିତା ଆସର
ବେଶୀ ଭଲ ଲାଗେ
ସାଥୀ ପୃଷ୍ଠାର ଉତ୍ତର।

*-ବିନୋଦ ବିହାରୀ ବେହେରା, ନୂଆସାହି, ଗୋଶାଳା ରୋଡ୍, ନୂଆବଜାର, କଟକ*


ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ନିଖୋଜ ମଣିଷଙ୍କ କଥା





ହାରୋଲ୍ଡ ହଲ୍ଟ


ଡି.ବି. କୋପର


ଏଇ ଟା। ସେଇ ସମୟ ନୁହେଁ, ଯେତେବେଳେ ଜଣେ ଆଖିପିଛୁଳାରେ ଉଭାନ ହୋଇଯିବ। ତନ୍ତ୍ର ବା ମନ୍ତ୍ରବଳରେ ନିଜକୁ ଦିନଦିନ ଧରି ଲୁଚେଇ ଦେଇପାରିବ। ଅଥବା ପୁଣିଥରେ ମନ୍ତ୍ରଶକ୍ତିକୁ ଉପଯୋଗ କରି ଆଖି ଆଗରେ ଆସି ପହଞ୍ଚିଯିବ। ସେସବୁ ଘଟୁଥିଲା ପୌରାଣିକ ଯୁଗରେ। ମାତ୍ର ଏହା ହେଉଛି ବାସ୍ତବତାର ଯୁଗ। ଏ ସମୟରେ ଜଣେ ବ୍ୟକ୍ତି କେମିତି ବର୍ଷବର୍ଷ ଧରି ଜନସମାଜରୁ ଉଭାନ ହୋଇଯାଇପାରିବ? ତେବେ ଆମର ଏଇ ପୃଥିବୀରେ ସେପରି ଅନେକ ଘଟଣା ବି ରହିଛି। ଅନେକ ଲୋକ ଅଚାନକ ଉଭାନ ହୋଇଯାଇଛନ୍ତି ଯେ, ବର୍ଷବର୍ଷ ଧରି ସେମାନଙ୍କର କୌଣସି ପତ୍ତା ମିଳୁନାହିଁ। ସେହି ପତ୍ତା ମିଳୁ ନ ଥିବା ମଣିଷମାନେ ଯେ ମୃତ ସେକଥା ମଧ୍ୟ କୁହାଯାଇପାରୁନାହିଁ। କାରଣ ମୃତକର କୌଣସି ଚିହ୍ନବର୍ଣ୍ଣ ସୁଦ୍ଧା ମିଳିନାହିଁ। ରହସ୍ୟ ଲାଗୁଥିଲେ ମଧ୍ୟ ଏଭଳି ଅନ୍ତର୍ଦ୍ଧାନ ସବୁ ସତ୍ୟ। ଆଉ ସେଭଳି ଅନ୍ତର୍ଦ୍ଧାନ ସବୁକୁ ବିଶ୍ୱ ଇତିହାସ ତା' ପୃଷ୍ଠାରେ ରହସ୍ୟମୟ ତାଲିକାରେ ସାଇତି ରଖିଛି।

**କୁଆଡ଼େ ଗଲେ ସ୍କାଇଜାକର ଡି.ବି. କୋପର :** ଡି.ବି. କୋପର କୌଣସି ଜଣେ ସମ୍ମାନନୀୟ ବ୍ୟକ୍ତି ହୋଇ ନ ପାରନ୍ତି। ବିଶ୍ୱ ଇତିହାସରେ ତାଙ୍କର ପରିଚୟ ସେ ଜଣେ ଆକାଶ ଦସ୍ୟୁ ବା ଏୟାର ପାଇରେଟ୍। ଗୋଟିଏ ସମୟରେ ତାଙ୍କର ଆତଙ୍କ ଆକାଶ ଓ ପୃଥିବୀ ଭୂଖଣ୍ଡକୁ ଥରହର କରୁଥିଲା। ସେ ଅତି ବିଚକ୍ଷଣତାର ସହିତ ଚଳନ୍ତା ବିମାନରେ ଦସ୍ୟୁବୃତ୍ତି କରି ପାରୁଥିଲେ ଯେ, ତାହାକୁ କେହି ବିଶ୍ୱାସ ମଧ୍ୟ କରିପାରୁ ନ ଥିଲେ। ଆମେରିକୀୟ ତଦନ୍ତକାରୀ ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ)ର ମୁଖ୍ୟ ସନ୍ଦିଗ୍ଧ ତାଲିକାରେ ଥିଲେ ସେ। ଏଫବିଆଇ ତ ସବୁ ଦିଗରୁ ଜାଲ ବିଛେଇଦେଇଥିଲା ଡି.ବି. କୋପରଙ୍କ ହାତରେ ହ୍ୟାଣ୍ଡକପ୍ ପକେଇ ହାଜତକୁ ଆଣିବା ପାଇଁ। ମାତ୍ର କୋପର୍ ବି କିଛି କମ୍ ନ ଥିଲେ। ସେ ଏମିତି ଏକ କାମ କଲେ ଯେ, ଏଫ୍‌ବିଆଇ ତାଙ୍କୁ ଆଜି ବି ଖୋଜୁଛି। ନା ମୃତ ବୋଲି ଘୋଷଣା କରିପାରୁଛି, ନା ଜୀବିତ ବୋଲି ମାନିନେଇ ପାରୁଛି। ଘଟଣାଟି ହେଉଛି ୧୯୭୧ମସିହାର। ସେହିଦିନ ଡି.ବି. କୋପର ସାଧାରଣ ଯାତ୍ରୀଙ୍କ ପରି ବିମାନ ଟିକେଟ ଖରିଦ କଲେ ଆଉ ନର୍ଥୱେଷ୍ଟ ଓରିଏଣ୍ଟ ଏୟାରଲାଇନ୍ସର ଫ୍ଲାଇଟ୍ ୩୦୫ରେ ବୋର୍ଡିଂ କଲେ। ଆଉ କେହି ଜାଣି ନ ଥିଲେ କୋପର ଭଲଭାବରେ ଜାଣିଥିଲେ ଯେ, ଏଫ୍‌ବିଆଇର ଜାଲ ତାଙ୍କୁ ଚାରିଦିଗରୁ ଘେରି ସାରିଲାଣି। ବିମାନ ଉଡ଼ିବାର ମାତ୍ର ୩୦ମିନିଟ୍ ପରେ କୋପର ଘୋଷଣା କରିଦେଲେ ଯେ, ସେ ବିମାନଟିକୁ ହାଇଜାକ କରିନେଇଛନ୍ତି। ତାଙ୍କ ନିକଟରେ ବିସ୍ଫୋରକ ଅଛି। ଯଦି ବିମାନ ଚାଳକ ତାଙ୍କ କଥା ନ ମାନନ୍ତି ତା'ହେଲେ ସେ ସଙ୍ଗେସଙ୍ଗେ ବିସ୍ଫୋରଣ ଘଟେଇ ବିମାନଟିକୁ ମଝି ଆକାଶରେ ଉଡ଼େଇଦେବେ। ତାଙ୍କର ଡିମାଣ୍ଡ ଥିଲା ୨୦୦ହଜାର ଡଲାର, ଚାରିଗୋଟି ପାରାଚ୍ୟୁଟ୍। ଆଉ କିଛି ଉପାୟ ନ ଥିଲା। ତାଙ୍କୁ ତୁରନ୍ତ ସେସବୁ ଯୋଗାଇ ଦିଆଗଲା। ସେ ନିର୍ଦ୍ଦେଶ ଦେଲେ, ବିମାନର ଲକ୍ଷ୍ୟସ୍ଥଳ ବଦଳେଇ ମେକ୍ସିକୋ ଆଡ଼କୁ ନେଇଯିବାକୁ। ବାସ୍, ତାହା ହିଁ ହେଲା। ବିମାନଟି ମାଉଣ୍ଟ ସେଣ୍ଟ ହେଲେନ୍ସ ଉପରେ ଗତି କରୁଥାଏ। ତାହା ହିଁ ଥିଲା କୋପରଙ୍କ ଡେଷ୍ଟିନେଶନ୍ ଯାହା ସେ ଯୋଜନା କରିଥିଲେ ଏଫ୍‌ବିଆଇକୁ ଚକ୍‌ମା ଦେବାପାଇଁ। ସମସ୍ତଙ୍କୁ ହତଭମ୍ଭ କରିଦେଇ ପାରାଚ୍ୟୁଟ୍ ପିନ୍ଧିନେଲେ କୋପର ଆଉ ୧୦ହଜାର ଫୁଟ ଉପରେ ଉଡୁଥିବା ବିମାନରୁ ଛଲାଙ୍ଗ ଲଗେଇଦେଲେ। ସେବେଠୁ କୋପରଙ୍କ କାହାଣୀ ଅତ୍ୟନ୍ତ ରହସ୍ୟମୟ। କୋପର ଯଦି ଆକାଶରୁ ଡେଇଁଲେ ତା'ହେଲେ ଗଲେ କେଉଁଆଡ଼େ। ଯଦି ଜୀବିତ ତା'ହେଲେ ପୃଥିବୀରେ କୋଉଠି ନା କୋଉଠି ତ ସେ ରହିଥାନ୍ତେ। ଧରିନିଆଯାଉ ସେ ମାଉଣ୍ଟ ସେଣ୍ଟ ହେଲେନ୍ ଉପରେ ପ୍ରାଣତ୍ୟାଗ କରିଛନ୍ତି। ତା'ହେଲେ ତାଙ୍କର ମୃତଦେହ ଗାଏବ ହୋଇଗଲା କୁଆଡ଼େ? ଏପରି କି ଶାର୍ଟ, ପ୍ୟାଣ୍ଟ, ପାରାଚ୍ୟୁଟ୍‌ର କୌଣସି ଚିହ୍ନ ସୁଦ୍ଧା ନାହିଁ। କେବଳ ଏଫବିଆଇ ନୁହେଁ; ସମସ୍ତଙ୍କ ପାଇଁ ଏହା ହେଉଛି ଏକ ରହସ୍ୟମୟ ଅନ୍ତର୍ଦ୍ଧାନ; ଯାହାର ସମାଧାନ ପାଇଁ ଏବେ ବି ଚେଷ୍ଟା ଚାଲିଛି।


ନେତାଜୀ ସୁଭାଷ ଚନ୍ଦ୍ର ବୋଷ

**ପ୍ରଶାନ୍ତ ମହାସାଗରର ବକ୍ଷରେ ଉଭାନ ଆମେଲିଆ ଏରହାର୍ଟ :** ୧୯୩୭ ମସିହା ଜୁଲାଇ ୨ ତାରିଖରେ ଘଟିଥିଲା ବିଶ୍ୱ ଇତିହାସର ଆଉ ଏକ ରହସ୍ୟମୟ ଅନ୍ତର୍ଦ୍ଧାନ। ସେହିଦିନ ପ୍ରଶାନ୍ତ ମହାସାଗର ବକ୍ଷରେ ଯେମିତି ସବୁଦିନ ଲାଗି ଉଭାନ ହୋଇଯାଇଥିଲେ ଆମେଲିଆ ଏରହାର୍ଟ। ଆମେଲିଆଙ୍କ ନାମ ପଛରେ ଅନେକ ସମ୍ବୋଧନ, ବିଶେଷଣ ଯୋଗ ହୋଇଥିବାର ଦେଖାଯାଏ। ସେ ଏକାଧାରରେ ଥିଲେ ଜଣେ ଲେଖିକା, ସେଲିବ୍ରିଟି ଫ୍ୟାଶନ ଡିଜାଇନର, ପତ୍ରିକା ସମ୍ପାଦିକା, ଶିକ୍ଷୟିତ୍ରୀ ଏବଂ ଜଣେ ଦକ୍ଷ ବୈମାନିକ। ମାତ୍ର ୩୯ବର୍ଷ ବୟସରେ ଆମେଲିଆ ନିଜର ବହୁମୁଖୀ କୃତିତ୍ୱ ପ୍ରଦର୍ଶନ କରି କେବଳ ଆମେରିକାରେ ନୁହେଁ; ଅଧିକନ୍ତୁ ବହୁ ରାଷ୍ଟ୍ରର ନାଗରିକଙ୍କ ଭିତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲେ। ନାରୀ ଦୁର୍ବଳା ନୁହେଁ। ସେ ଚାହିଁଲେ ନିଜ ପାଇଁ ନିଜେ ଏକ ନୂଆ ପୃଥିବୀ ସୃଷ୍ଟିକରି ପାରିବ। ଅତି କମ୍ ବୟସରେ ସେ ଏକଥା ସମସ୍ତଙ୍କୁ ଦେଖେଇ ଦେଇଥିଲେ। ସେ ଥିଲେ ପ୍ରଥମ ମହିଳା ବୈମାନିକ ଯିଏ ଏକୁଟିଆ ଦୁର୍ଗମ ଆଟ୍‌ଲାଣ୍ଟିକ୍ ମହାସାଗର ଉପର ଦେଇ ବିମାନ ଚଳେଇ ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ। ସେ ତାଙ୍କର ଦୁଃସାହସିକ ବିମାନ ଚାଳନାକୁ ନେଇ ଲେଖିଥିବା ବହିଟି ଏକ ବେଷ୍ଟସେଲର୍‌ର ମାନ୍ୟତା ପାଇଥିଲା। ଆମେଲିଆ ଥିଲେ ଜଣେ ଦୁଃସାହସୀ ବୈମାନିକା। ସେ ନିଷ୍ପତ୍ତି ନେଇଥିଲେ ବିଶ୍ୱ ଭ୍ରମଣ କରିବା ପାଇଁ। ୧୯୩୭ ମସିହା ଜୁନ୍ ୧ ତାରିଖରେ ଆମେଲିଆ ତାଙ୍କ ବିଶ୍ୱ ଭ୍ରମଣର ଦ୍ୱିତୀୟ ଦଫା ଆରମ୍ଭ କଲେ। ସେ ସ୍ୱତନ୍ତ୍ର ଭାବରେ ତିଆରି କରେଇଥିଲେ ଦୁଇ ଇଞ୍ଜିନ୍ ବିଶିଷ୍ଟ ବିମାନ ଲକ୍‌ହିଡ୍ ୧୦ଇ ଇଲେକ୍ଟ୍ରା। ଏଥିରେ ସମସ୍ତ ପ୍ରକାର ଆଧୁନିକ ରେଡ଼ିଓ ସରଞ୍ଜାମ ଖଞ୍ଜା ହୋଇ ରହିଥିଲା। ଆମେଲିଆ ତାଙ୍କ ସାଥିରେ ନେଇଥିଲେ ନୌଚାଳନା ତଥା ସାମୁଦ୍ରିକ ଦିଗ ନିର୍ଦ୍ଧାରଣରେ ଦକ୍ଷ ଫ୍ରେଡ୍ ନୁନାନ୍‌ଙ୍କୁ। ସେମାନେ କାଲିଫର୍ନିଆର ଓକ୍‌ଲାଣ୍ଡରୁ ସେମାନଙ୍କ ଯାତ୍ରା ଆରମ୍ଭ କଲେ। ଆଟ୍‌ଲାଣ୍ଟିକ୍ ଅତିକ୍ରମ କରି ସେମାନେ ଆମେରିକାରୁ ଗଲେ ଆଫ୍ରିକା। ସେହି ବାଟଦେଇ ସେମାନେ ପ୍ରାଚ୍ୟ ଭାରତ ଏବଂ ଦକ୍ଷିଣପୂର୍ବ ଏସିଆକୁ ଅତିକ୍ରମ କରିଗଲେ ଓ ପହଞ୍ଚିଲେ ନ୍ୟୁ ଗାଏନାରେ। ତାହା ଥିଲା ଜୁନ୍ ୨୯ ତାରିଖ। ସେତେବେଳକୁ ଆମେଲିଆ ଓ ଫ୍ରେଡ୍ ନୁନାନ୍ ୨୨ହଜାର ମାଇଲ୍ ଅତିକ୍ରମ କରିସାରିଥିଲେ। ଓକ୍‌ଲାଣ୍ଡରେ ପହଞ୍ଚିବା ପାଇଁ ଆଉ ବାକିଥିଲା ସାତ ହଜାର ମାଇଲ୍। ସେମାନେ ସେହିଦିନ ହାଓଲାଣ୍ଡ ଦ୍ୱୀପ ଅଭିମୁଖେ ବାହାରି ପଡ଼ିଲେ। ତଥ୍ୟ ଅନୁଯାୟୀ ସେମାନେ ସେଠାରେ ଜୁଲାଇ ୨ ତାରିଖରେ ପହଞ୍ଚିଥାନ୍ତେ। ଆଉ ସେଠାରେ ବିମାନରେ ଇନ୍ଧନ ଭରିଥାନ୍ତେ। ସେହିଦିନ ହିଁ ଆମେଲିଆଙ୍କୁ ରାଡ଼ାରରେ ଠାବ କରାଯାଇଥିଲା। ମାତ୍ର


ଆମେଲିଆ ଏରହାର୍ଟ


ଜେମ୍ସ ହୋଫା





ତା’ ପରଠାରୁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା । ବହୁ ପ୍ରୟାସ ସତ୍ତ୍ୱେ ବି ରେଡ଼ିଓରେ ଦେଖାଯାଇ ନ ଥିଲା ତାଙ୍କର ବିମାନ । ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ଏହି ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଘୋଷଣା କରିବା ସହିତ ଦୁଇ ସପ୍ତାହର ଅନ୍ୱେଷଣ କାର୍ଯ୍ୟ ମଧ୍ୟ କରାଇଥିଲେ । ମାତ୍ର କୌଣସି ଖୋଜଖବର ନ ଥିଲା ଆମେଲିଆଙ୍କର । ୧୯୩୭ ମସିହା ଜୁଲାଇ ୧୯ ତାରିଖରେ ଆମେଲିଆ ଓ ନୁନାନ୍‌ଙ୍କୁ ସମୁଦ୍ର ଖାଇଗଲା ବୋଲି ଘୋଷଣା କରିଥିଲେ ରୁଜ୍‌ଭେଲ୍ଟ । ମାତ୍ର ସମୁଦ୍ର ଯେ ଏହି ଅତି ବିଚକ୍ଷଣ ବୈମାନିକାଙ୍କୁ ଖାଇ ହଜମ କରିଦେଇଛି ତାହାକୁ ଆଜିଯାଏ ବି ମାନିବାକୁ ପ୍ରସ୍ତୁତ ନୁହନ୍ତି ସ୍କଲାରମାନେ । ପ୍ରଶାନ୍ତ ମହାସାଗର ଆମେଲିଆଙ୍କୁ ମାରିଦେଇ ପାରିଥାଏ ସତ । ହେଲେ ନିଖୋଜ୍ କରିଦେଇ ପାରିବ କିପରି ? ଆମେଲିଆଙ୍କୁ ନେଇ କଳ୍ପନାଜଳ୍ପନାର ଅନ୍ତ ଏବେ ସୁଦ୍ଧା ଘଟିନାହିଁ ।

**ରାଷ୍ଟ୍ରମୁଖ୍ୟଙ୍କ ସମୁଦ୍ର ସ୍ନାନ :** ଏମିତି କଥା ପ୍ରାୟତଃ ସବୁବେଳେ ଶୁଣିବାକୁ ମିଳେନାହିଁ ଯେ, ଗୋଟିଏ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ସମୁଦ୍ର ସ୍ନାନ କରିବା ପାଇଁ ଯିବେ । ଆଉ ସେଠାରୁ ଫେରିବେନାହିଁ । ସବୁଦିନ ଲାଗି କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯିବେ । ତେବେ ଏକଥା ଘଟିଥିଲା ୧୯୬୭ ମସିହା ଡିସେମ୍ବର ୧୭ ତାରିଖରେ । ସ୍ଥାନ : ଅଷ୍ଟ୍ରେଲିଆର ସେଭିଓଟ ବେଳାଭୂମି । ପାତ୍ର : ଅଷ୍ଟ୍ରେଲିଆର ସପ୍ତଦଶ ପ୍ରଧାନମନ୍ତ୍ରୀ ହାରୋଲ୍‌ଡ ହଲ୍‌ଟ । ଘଟଣାଟି ଘଟିଥିଲା ଏମିତି । ପ୍ରଧାନମନ୍ତ୍ରୀ ହାରୋଲ୍‌ଡ ହଲଟ୍ କିଛିଦିନ ଧରି ଚିକିତ୍ସିତ ହେଉଥିଲେ । ତାଙ୍କ କାନ୍ଧରେ ଆଘାତ ଲାଗିଥିଲା । ସେଥିଲାଗି ସେ ଦିନେ ନିଷ୍ପତ୍ତି ନେଲେ ଯେ, ସେ ଭିକ୍ଟୋରିଆର ପୋର୍ଟସି ନିକଟବର୍ତ୍ତୀ ସେଭିଓଟ୍ ବେଳାଭୂମିକୁ ଯିବେ । ଆଉ ସେଠାରେ କିଛି ସମୟ ଢେଉଭାଙ୍ଗି ମନକୁ ହାଲୁକା କରିବେ । ବାସ୍ତବରେ ୫୯ବର୍ଷ ବୟସ୍କ ହାରୋଲ୍‌ଡ ଥିଲେ ଜଣେ ଦକ୍ଷ ସନ୍ତରଣକାରୀ । ସମୁଦ୍ରରେ ସ୍ନାନ କରିବା ତାଙ୍କର ଥିଲା ସବୁଠାରୁ ବଡ଼ ସଉକ୍ । ସେ ସମୟ ପାଇବା ମାତ୍ରେ ସମୁଦ୍ରକୁ ସନ୍ତରଣ କରିବା ପାଇଁ ବାହାରି ଯାଉଥିଲେ । ମାତ୍ର ସମ୍ଭବତଃ ସେଦିନଟି ସବୁଦିନ ପରି ନ ଥିଲା । ସେତେବେଳକୁ ତାଙ୍କର ପ୍ରଧାନମନ୍ତ୍ରିତ୍ୱକୁ ଦୁଇବର୍ଷ ମଧ୍ୟ ପୂରି ନ ଥାଏ । ହାରୋଲ୍‌ଡଙ୍କୁ ଯେପରି ସମୁଦ୍ର ହାତଠାରି ଡାକିଲା । ସେ ସମୁଦ୍ରକୁ ସ୍ନାନ ପାଇଁ ଗଲେ । ମାତ୍ର ଆଉ ଫେରିଲେନାହିଁ । ବହୁ ସମୟ ଧରି ଖୋଜାଖୋଜି ହେଲା । ଶେଷରେ ତାଙ୍କୁ ମୃତ ବୋଲି ଧରି ନିଆଗଲା । ହେଲେ ତାଙ୍କ ମୃତଦେହର କୌଣସି ଚିହ୍ନବର୍ଣ୍ଣ ସୁଦ୍ଧା ନ ଥିଲା । ଏକଥା କେହି ମାନିନେବାକୁ ପ୍ରସ୍ତୁତ ନ ଥିଲେ ଯେ, ଜଣେ ଅତି ଦକ୍ଷ ପହଁରାଳି ପ୍ରଧାନମନ୍ତ୍ରୀ, ସମୁଦ୍ରରେ ଲହଡ଼ି ଭାଙ୍ଗିବା ଯାହାଙ୍କର ଅତି ପ୍ରିୟ ସଉକ ସେ ସମୁଦ୍ର ପାଣିରେ ବୁଡ଼ି ପ୍ରାଣ ହରେଇବେ । ୨୦୦୫ ପର୍ଯ୍ୟନ୍ତ ଏହି ଘଟଣାକୁ ନେଇ ଅନେକ ତର୍କବିତର୍କ ଚାଲିଥିଲା । କେହିକେହି ଏହା ବି ଅନୁମାନ କରିଥିଲେ ଯେ, ହୁଏତ ହାରୋଲ୍‌ଡ ଅଚାନକ ସାର୍କ ହାବୁଡ଼କୁ ଆସିଯାଇଛନ୍ତି । ଆଉ ସାର୍କ ତାଙ୍କୁ ଗୋଟାପଣେ ପେଟ ଭିତରକୁ ନେଇଯାଇଛି । ସେଥିଲାଗି ତାଙ୍କର ମୃତଦେହ ମିଳିନାହିଁ । ପୁଣି ଆଉ କେତେକ ଅନୁମାନ କରିଥିଲେ ଯେ, ସମ୍ଭବତଃ ସାମୁଦ୍ରିକ ସ୍ରୋତ ଯେଉଁଠି ଅଧିକ ତୀବ୍ର ଥିଲା ହାରୋଲ୍‌ଡ ଅନ୍ୟମନସ୍କ ହୋଇ ସେଠାରେ ପହଞ୍ଚି ଯାଇଛନ୍ତି । ଆଉ ଫେରିପାରିନାହାନ୍ତି । ସାମୁଦ୍ରିକ ସ୍ରୋତ ତାଙ୍କ ଅଥଳ ଜଳଧି ଭିତରକୁ ନେଇ ଯାଇଛି । ସବୁଠୁ ମଜାଦାର କଳ୍ପନା ଥିଲା ଯେତେବେଳେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ହାରୋଲ୍‌ଡଙ୍କ ରହସ୍ୟମୟ ଅନ୍ତର୍ଦ୍ଧାନକୁ ନେଇ । କେତେକେ ଅନୁମାନ କରିଥିଲେ ଯେ, ହୁଏତ ଏଲିଅନ୍‌ମାନେ ଆସି ହାରୋଲ୍‌ଡଙ୍କୁ ଅପହରଣ କରିନେଇଛନ୍ତି । ମାତ୍ର ଏସବୁ ଥିଲା କେବଳ କଳ୍ପନାଜଳ୍ପନା । ସତ ହେଉଛି ଏଇଆ ଯେ, ହାରୋଲ୍‌ଡ ରହସ୍ୟଜନକ ଭାବରେ ଗାଏବ ହୋଇଯାଇଥିଲେ । ଆଉ ଅଦ୍ୟାବଧି ତାଙ୍କର ନିଖୋଜ ରହସ୍ୟମୟ ତାଲିକାରେ ରହିଛି ।


**କୁଆଡ଼େ ଗଲେ ହୋଫା :** ଏଠାରେ ଯେଉଁ ଘଟଣାଟିର ଅବତାରଣା କରାଯାଉଛି ତାହା ଉପର ଘଟଣାଗୁଡ଼ିକ ଠାରୁ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟକର । ପାଣିରେ ନୁହେଁ କି ଆକାଶରେ ନୁହେଁ – ଏଇ ମାଟି ଉପରେ ଗୋଟିଏ ଲୋକ ଲାପତ୍ତା ହୋଇଯିବ ! ଜେମ୍‌ସ ରିଡିଲ ହୋଫା ! ଏକଦା ଆମେରିକା ଲେବର ୟୁନିଅନ୍‌ର ଜଣେ ସବୁଠାରୁ ଶକ୍ତିଶାଳୀ ନେତା ଭାବରେ ଜଣା ଥିଲେ ଏହି ହୋଫା । ସେତିକିନୁହେଁ ସେ ଥିଲେ ଇଣ୍ଟରନ୍ୟାଶନାଲ ବ୍ରଦରହୁଡ୍ ଅଫ୍ ଟିମଷ୍ଟର୍ସ ସଂଘର ସଭାପତି । ଅବଶ୍ୟ ଗୋଟିଏ ସମୟ ଆସିଲା ଯେତେବେଳେ ସେ ବହୁ ଦୁର୍ନୀତି ତଥା ସଂଗଠିତ ଅପରାଧରେ ଜଡ଼ିତ ହୋଇପଡ଼ିଥିଲେ । ସେଥିପାଇଁ ତାଙ୍କୁ ବର୍ଷବର୍ଷ ଜେଲ୍ ଜୀବନ ବିତାଇବାକୁ ପଡ଼ିଥିଲା । ତେବେ ଏସବୁ ତାଙ୍କୁ ତାଙ୍କର ଜୀବନକାଳ ମଧ୍ୟରେ ଯେତିକି ଚର୍ଚ୍ଚାକୁ ଆଣି ନ ଥିଲା ସେ ତା’ଠୁ ବେଶି ଚର୍ଚ୍ଚାକୁ ଆସିଥିଲେ ତାଙ୍କର ରହସ୍ୟଜନକ ଅନ୍ତର୍ଦ୍ଧାନ ଘଟିବା ପରେ । ଆଶଙ୍କା କରାଗଲା ତାଙ୍କୁ ତାଙ୍କର ବିରୋଧୀମାନେ ହତ୍ୟା କରିଛନ୍ତି । ମାତ୍ର ସେମିତି କିଛି ଘଟି ନ ଥିଲା । ହୋଫା ଘରୁ ତ ବାହାରିକି ଆସିଲେ । ଫେରିବେ ବୋଲି ସ୍ତ୍ରୀଙ୍କୁ ଫୋନ୍‌ରେ ଜଣେଇଦେଲେ । ମାତ୍ର ଦିନ ପରେ ଦିନ ବିତିଲା । ମାସ ଅତିକ୍ରମକଲା । ମାସ ବର୍ଷକୁ ରୂପାନ୍ତରିତ ହେଲା । ମାତ୍ର ହୋଫା ଆଉ ଫେରିଲେନି । କିମ୍ବା ସେ ଆଉ କେଉଁଠି ଦେଖିବାକୁ ମିଳିଲେନାହିଁ । ୧୯୭୫ ମସିହା ଜୁଲାଇ ୩୦ ତାରିଖ । ଏହି ଦିନ ଶେଷଥର ପାଇଁ ହୋଫାଙ୍କୁ କିଛି ଲୋକ ଦେଖିବାକୁ ପାଇଥିଲେ । ସେ ଘରୁ ଆସିବା ବେଳେ କହିଆସିଥିଲେ ଯେ, ସେ ତାଙ୍କର ଦୁଇଜଣ ସହଯୋଗୀଙ୍କୁ ଭେଟିବାକୁ ଯାଉଛନ୍ତି । ଅବଶ୍ୟ ଯେଉଁ ଦୁଇଜଣଙ୍କୁ ସେ ଭେଟିବାକୁ ଯାଉଥିଲେ ସେମାନେ ଥିଲେ ଜଣେ ଜଣେ ମାଫିଆ ଆଉ ଏକଦା ତାଙ୍କ ଲେବର ୟୁନିଅନ୍ କଲିଗ୍ । ସେ ଦୁଇଜଣ ହେଉଛନ୍ତି ଆଣ୍ଟୋନୀ ଗାଇକାଲୋନ୍ ଏବଂ ଆଣ୍ଟୋନୀ ପ୍ରୋଭେନ୍‌ଜାନୋ । ଦୁଇ ଆଣ୍ଟୋନୀଙ୍କ ସହିତ ଗୋଟେ ସମୟରେ ହୋଫାଙ୍କର ଘୋର ଶତ୍ରୁତା ଥିଲା । ମାତ୍ର ପରେ ସେମାନେ ତାହାର ସମାଧାନ କରି ନେଇଥିଲେ । ସେଦିନ ହୋଫା ଆସିଥିଲେ ସେଇମାନଙ୍କୁ ଭେଟିବାକୁ । ମାତ୍ର ଦୁଇଦିନ ପରେ ବଦଳି ଯାଇଥିଲା ପରିସ୍ଥିତି ।



ପୋଲିସ ତଥା ଏଫ୍‌ବିଆଇ ସନ୍ଦେହ କରିଥିଲା ଯେ, ହୁଏତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଉପରୋକ୍ତ ଦୁଇ ଆଣ୍ଟୋନୀ ତାଙ୍କୁ ହତ୍ୟା କରିଥାଇପାରନ୍ତି । ଆଉ ତାଙ୍କର ଡେଡବଡ଼ିକୁ ଗାଏବ କରିଦେଇ ଥାଇପାରିଥାନ୍ତି । ମାତ୍ର ଏ ଅନୁମାନର କୌଣସି ଭିତ୍ତି ନ ଥିଲା । କାରଣ ସେମାନଙ୍କ ମଧ୍ୟରେ ସାକ୍ଷାତ କିମ୍ବା ଆଲୋଚନା ପାଇଁ କୌଣସି ସମୟ କିଛି ଦିନ ଧାର୍ଯ୍ୟ ହୋଇ ନ ଥିଲା ବୋଲି ସେମାନେ କହିଥିଲେ । ଆଉ ତାହା ବି ଶେଷରେ ସତ୍ୟ ସିଦ୍ଧ ହୋଇଥିଲା । ତେବେ ପ୍ରଶ୍ନ ଉଠିଥିଲା ହୋଫା ଗଲେ କୁଆଡ଼େ ? କେତେକେ ହୋଫାଙ୍କୁ ବିଭିନ୍ନ ସ୍ଥାନରେ ବୁଲୁଥିବା ଦେଖିବାକୁ ପାଇଥିଲେ । ହୋଫାଙ୍କୁ ବେଆଇନ ଭାବରେ ଅବଶ୍ୟ ମୃତ ଘୋଷଣା କରାଯାଇଛି । ହେଲେ ବାସ୍ତବରେ ସେ ମୃତ କି ଜୀବିତ ତାହା ବି ଏକ ରହସ୍ୟ । ଜଣେ ଜୀବିତ ବ୍ୟକ୍ତି ସମସ୍ତଙ୍କ ଆଖିକୁ ଫାଙ୍କିଦେଇ କେଉଁଆଡ଼େ ଗାଏବ ହୋଇଯାଇପାରେ ? ଆଉ ତା’ର କାରଣ ବି କ’ଣ ? ଏ ପ୍ରଶ୍ନ ସବୁ ଆଜି ବି ଅସମାହିତ ।

**ନିଖୋଜ ନେତାଜୀ :** ରହସ୍ୟମୟ ଅନ୍ତର୍ଦ୍ଧାନ କାହାଣୀମାଳାର ପରିଶେଷରେ ଅଦ୍ୟାବଧି ନିଖୋଜ ବୋଲି କୁହାଯାଉଥିବା ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ କଥା ବେଶ୍ ପ୍ରାସଙ୍ଗିକ ମନେହୁଏ । ଆଜାଦ ହିନ୍ଦ୍ ଫୌଜର ସ୍ରଷ୍ଟା ନେତାଜୀ ମୃତ ବୋଲି ଅନୁମାନ କରାଯାଉଥିଲେ ମଧ୍ୟ କଥାଟି ସତ ଆଉ କଳ୍ପନାର ମଝିରେ ଦୋଳି ଖେଳୁଥିବା ପେଣ୍ଡୁଲମ୍ ପରି ମନେହୁଏ । କାରଣ ଯଦିଓ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କୁହାଯାଉଛି ତଥାପି ଉପଯୁକ୍ତ ତଥ୍ୟ ପ୍ରମାଣ ଅଭାବରୁ ନେତାଜୀ ବହୁଶହ ଭାରତୀୟଙ୍କ ପାଇଁ ରହସ୍ୟମୟ ଭାବରେ ଅନ୍ତର୍ଦ୍ଧାନ ହୋଇ ରହିଛନ୍ତି । ନେତାଜୀଙ୍କ ଦେହାନ୍ତ ତଥ୍ୟଟି ଏୟା କହେ ଯେ, ଦୁର୍ଘଟଣାଗ୍ରସ୍ତ ବିମାନଟି ହୁହୁ ହୋଇ ଜଳୁଥାଏ । ନେତାଜୀଙ୍କ ଦେହ ସମ୍ପୂର୍ଣ୍ଣ ଗ୍ୟାସୋଲିନ୍‌ରେ ଭିଜି ଯାଇଥାଏ । ବାହାରିବା ପାଇଁ ବାଟ ନ ଥାଏ । ନେତାଜୀ ଅନନ୍ୟୋପାୟ ହୋଇ ଜଳୁଥିବା ବାଟ ଦେଇ ବାହାରକୁ ଚାଲିଆସିଲେ । ତାଙ୍କ ଦେହ ନିଆଁରେ ଜଳୁଥାଏ । ନିଆଁକୁ ଆୟତ୍ତ କରି ତାଙ୍କୁ ତାଇହୁକୁର ନାନମୁନ୍ ମିଲିଟାରୀ ହସ୍ପିଟାଲ୍‌କୁ ନିଆଗଲା । ତାଙ୍କ ଦେହରେ ଥାର୍ଡ ଡିଗ୍ରୀ ବର୍ନ ସୃଷ୍ଟି ହୋଇଥାଏ । ତଥାପି ସେଠାରେ ଚିକିତ୍ସା ଚାଲିଲା । ଏହାସତ୍ତ୍ୱେ ସେ କୋମାକୁ ଚାଲିଗଲେ । ଆଉ କୋମାକୁ ଯିବାର ଅଳ୍ପକିଛି ସମୟ ପରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଦୁଇଦିନ ପରେ ତାଇହୁକୁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଗଲା । ସେଇ ଦିନଟି ଥିଲା ୧୯୪୫ ମସିହା ଅଗଷ୍ଟ ୨୦ ତାରିଖ । ଏ କାହାଣୀ ସତ ବୋଲି ଲାଗୁଥିଲେ ମଧ୍ୟ ଅଦ୍ୟାବଧି ଏହା ଉପରେ ସତ୍ୟର ମୋହର ଲାଗିନାହିଁ । ନେତାଜୀଙ୍କ ଶେଷ ଜୀବନକୁ ନେଇ ଏବେ ସୁଦ୍ଧା ତଦନ୍ତ ଜାରି ରହିଛି । ତେଣୁ ଆପାତତଃ ଭାବରେ ନେତାଜୀ ଏବେ ସୁଦ୍ଧା ନିଖୋଜ ଅଛନ୍ତି । ରହସ୍ୟମୟ ଭାବରେ ନିଖୋଜ !

**– ରାଜେନ୍ଦ୍ର ରାଉଳ**





# ଇମ୍ଫାଲରୁ ବ୍ୟାଙ୍କକ

**ସେ କେବଳ ସ୍ୱପ୍ନ ଦେଖନ୍ତିନି, ସ୍ୱପ୍ନକୁ ସାକାର କରିବାରେ ବିଶ୍ୱାସ ରଖନ୍ତି। ପ୍ରତିବନ୍ଧକକୁ ଏଡ଼େଇ ଦେଇ କେମିତି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ସେ ଭରସା ରଖନ୍ତି ନିଜ ଉପରେ। ସେଇଥିପାଇଁ ନିଜେ କାର୍ ଚଲେଇ ଇମ୍ଫାଲରୁ ଯାଇ ପହଞ୍ଚିପାରିଲେ ବ୍ୟାଙ୍କକ୍‌ରେ...**









ସେ କେବଳ ସ୍ୱପ୍ନ ଦେଖନ୍ତିନି, ସ୍ୱପ୍ନକୁ ସାକାର କରିବାରେ ବିଶ୍ୱାସ ରଖନ୍ତି। ପ୍ରତିବନ୍ଧକକୁ ଏଡ଼େଇ ଦେଇ କେମିତି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ସେ ଭରସା ରଖନ୍ତି ନିଜ ଉପରେ। ସେ ହେଲେ ଅନିନ୍ଦିତା ମହାପାତ୍ର। ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଜଣେ ଇଞ୍ଜିନିୟର ଭାବରେ କାମ କରୁଥିବା ଅନିନ୍ଦିତା ହେଉଛନ୍ତି ଅଲ୍-ଓମେନ ଇଣ୍ଡିଆକୁ ଥାଇଲାଣ୍ଡ୍ ରୋଡ ଟ୍ରିପ୍‌ରେ ପୂର୍ବଭାରତରୁ ଏକମାତ୍ର ମହିଳା ପ୍ରତିନିଧି। ଏହି ଯାତ୍ରା ଇଣ୍ଡିଆ, ମ୍ୟାନମାରରୁ ଥାଇଲାଣ୍ଡ ଯାଏ ଥିଲା। ଇମ୍ଫାଲରୁ ୨୧ ଜାନୁୟାରୀ ୨୦୧୯ରେ ତାଙ୍କ ଯାତ୍ରା ଆରମ୍ଭ କରି ପ୍ରାୟ ୨୮୦୦ କିମି ଅତିକ୍ରମ କରିବା ପରେ ସେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲେ। ୧୦ ଦିନର ତାଙ୍କର ଏହି ସଫଳ ଯାତ୍ରା ପରେ ସେ ଅନ୍ୟମାନଙ୍କ ପାଖରେ ପାଲଟିଛନ୍ତି ଉଦାହରଣ।

ପିଲାଟି ଦିନରୁ ବେଶ୍ ଦୁଃସାହସୀ ଅନିନ୍ଦିତାଙ୍କର ଜନ୍ମ ରାଉରକେଲାରେ। ତାଙ୍କ ବାପା ଡାକ୍ତର ଯାମିନୀକାନ୍ତ ମହାପାତ୍ରଙ୍କର ଚାକିରି ଯୋଗୁ ସେ ବିଭିନ୍ନ ସ୍ଥାନ ବୁଲିଛନ୍ତି। ତେବେ ତାଙ୍କର ପାଠପଢ଼ା ରାଉରକେଲା ଓ ରାଞ୍ଚିରେ। ପରେ ସେ ଲଣ୍ଡନରେ ଏମ୍.ଟେକ୍ କରିବା ପରେ ନାସାର ଏକ ପ୍ରୋଜେକ୍ଟରେ ସାଇଣ୍ଟିଷ୍ଟ ଭାବରେ କାମ କରନ୍ତି। କିଛିବର୍ଷ ୱାଶିଂଟନ୍‌ରେ କାମ କରିବା ପରେ ପୁଣି ଓଡ଼ିଶା ଆସି ରାଉରକେଲା ଷ୍ଟିଲପ୍ଲାଣ୍ଟରେ ଇଞ୍ଜିନିୟର ଭାବରେ କାମ କରନ୍ତି। ତାଙ୍କ ସ୍ୱାମୀ ଡ. ଦୟାଲ ପାଢ଼ୀ ଏନ୍‌ଆଇଟି ରାଉରକେଲାରେ ମେକାନିକାଲ ଇଞ୍ଜିନିୟରିଂ ବିଭାଗରେ ସିନିୟର ପ୍ରଫେସର ଥିବାବେଳେ ଏକମାତ୍ର ପୁଅ ଦଶମ ଶ୍ରେଣୀରେ ଅଧ୍ୟୟନରତ। ଏସବୁଛଡା ଅନିନ୍ଦିତାଙ୍କର ସଙ୍ଗୀତରେ ମଧ୍ୟ ରୁଚି ରହିଛି। ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତରେ ରୁଚି ରଖୁଥିବା ଅନିନ୍ଦିତା ଖୁବ୍ ସୁନ୍ଦର ଗିଟାର ବଜାନ୍ତି। ତେବେ ଏସବୁ ଭିତରେ ତାଙ୍କର ଗୋଟିଏ ସୁନ୍ଦର ଇଚ୍ଛା ରହିଛି। ସେଇଟା ହେଲା ସାରା ପୃଥିବୀ ବୁଲିବା ସହିତ ଲୋକଙ୍କ ସହ ମିଶିବା। ପିଲାଦିନେ ବାପାଙ୍କ ସହିତ ବିଭିନ୍ନ ଜାଗା ବୁଲିବା ଭିତରେ ତାଙ୍କ ମନରେ ଏହି ଇଚ୍ଛା ରହିଥିଲା। ଯାହାକୁ ସେ ସୁଯୋଗ ମିଳିଲେ ପୂରା କରୁଥିଲେ। ଦଶ ବାର ବର୍ଷ ତଳେ କୈଳାସ ମାନସରୋବର ଯାତ୍ରା କରିଥିଲେ। ତେବେ ଏଥର ସେ ଟିକେ ନୂଆ କରିବାକୁ ଚାହୁଁଥିଲେ।

**ସ୍ୱପ୍ନ ପୂରା କରିବାର ଝୁଙ୍କ-** ସେ ଖାଲି ନୂଆ କିଛି କରିବାର ସ୍ୱପ୍ନ ଦେଖୁ ନ ଥିଲେ। ସ୍ୱପ୍ନ ପଛରେ ଗୋଡ଼େଇ ତାକୁ ଧରିବାର ଝୁଙ୍କ ଥିଲା ତାଙ୍କ ଭିତରେ ପ୍ରବଳ। ଶେଷରେ ତାଙ୍କୁ ସେ ସୁଯୋଗ ମିଳିଲା। ପ୍ରଥମ ଥର ପାଇଁ ମହିଳାମାନଙ୍କ ଦ୍ୱାରା ଅଲ୍-ଓମେନ-ରୋଡଟ୍ରିପ୍‌ର ଆୟୋଜନ ହେଲା। ମୁମ୍ବାଇର ସୁଜଲ ଓ ମେଧା ଏହି ଆୟୋଜନର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଡ୍ରାଇଭିଂ ପରମିଟ, ପେପର ୱାର୍କ ଭିଜା ଆଦି ସେମାନେ ଯୋଗାଡ କରିଥିଲେ। ଆୟୋଜକ ଓ ପ୍ରାୟୋଜକଙ୍କ ତରଫରୁ କାର ମିଳିଥିଲା। ସମୁଦାୟ ଯାତ୍ରା ଥିଲା ୧୦ ଦିନର। ତେବେ ତା' ପୂର୍ବରୁ ଅଫିସରୁ ଛୁଟି ଆଣିବା ଘରକଥା, ସ୍ୱାସ୍ଥ୍ୟପରୀକ୍ଷା ଆଦି ସରିବା ପରେ ତାଙ୍କ ପାଇଁ ସବୁଠୁ ବଡକଥା ଥିଲା ପୁଅକୁ ଛାଡି ଏତେଦିନ ରହିବା। ଅନିନ୍ଦିତା କୁହନ୍ତି, 'ପୁଅକୁ ଏକାଛାଡି ମୁଁ ବୁଲିବାକୁ ଯିବି ଏକଥା ମୋ ଭିତରର ମା' ମନ ଯେମିତି ବୁଝିବାକୁ ରାଜି ନ ଥିଲା। ହେଲେ ମୋ ପୁଅ ସବୁଠୁ ଅଧିକ ଚାହୁଁଥିଲା ମୁଁ କେମିତି ଟ୍ରିପ୍‌ରେ ଯାଏ। ସ୍ୱାମୀ ଓ ପୁଅ କହୁଥିଲେ ତମେ ଯାଇ ଫେରିଆସ ଆମକୁ ବହୁତ ଖୁସି ଲାଗିବ, ଗର୍ବ ଲାଗିବ। ମୋ ପରିବାର ଛଡା ଯେତେବେଳେ ମୁଁ ମୋ ସାଙ୍ଗସାଥୀଙ୍କୁ ଏକଥା କହିଲି ସେମାନେ ବହୁତ ଖୁସି ହୋଇ ମୋତେ ଉତ୍ସାହିତ କରିଛନ୍ତି। ମୋ ଭାଇ ଭଉଣୀ ସମସ୍ତେ ତ ବହୁତ ଖୁସି ହେଉଥିଲେ। ଆଉ ମାନସିକ ସ୍ତରରେ ମୁଁ ସମସ୍ତଙ୍କର ଏତେ ସପୋର୍ଟ ପାଇଲି, ଯାହାକି ମୋ ଯାତ୍ରା ପାଇଁ ସବୁଠୁ ଅଧିକ ସାହାଯ୍ୟ କରିଥିଲା।'



ସ୍ୱାମୀ ଡ. ଦୟାଲ ପାଢ଼ୀ ଓ ପୁଅଙ୍କ ସହ ଅନିନ୍ଦିତା ମହାପାତ୍ର।

**କେମିତି ଥିଲା ଯାତ୍ରା-**ମଣିପୁର ଇମ୍ଫାଲରୁ ତାଙ୍କର ଯାତ୍ରା ଆରମ୍ଭ। ଅନିନ୍ଦିତା କୁହନ୍ତି,'ମଣିପୁର ଲୋକଙ୍କଠାରୁ ଖୁବ୍ ସୁନ୍ଦର ସ୍ୱାଗତ ସମ୍ବର୍ଦ୍ଧନା ମିଳିଥିଲା। ଆମେ ସେଠାକାର ଲେଡିଜ ମାର୍କେଟ ଯାଇଥିଲୁ ଯେଉଁଠାରେ ୩୦୦୦ ମହିଳା ବିଭିନ୍ନ ଜିନିଷ ଧରି ବିକ୍ରି କରୁଥିଲେ। ତା'ପରେ ମଣିପୁରର ପ୍ରସିଦ୍ଧ ଆରକେସିଏସ ଆର୍ଟ ଗ୍ୟାଲେରୀ ବୁଲିଥିଲୁ। ତା ' ପରଦିନ ମଣିପୁର ଟୁରିଜମ କର୍ପୋରେଶନ୍ ଚେୟାରମ୍ୟାନଙ୍କ ଫ୍ଲାଗ ଅଫ୍ ପରେ ଆମେ ଆମର ବହୁ ପ୍ରତୀକ୍ଷିତ ଯାତ୍ରା ଆରମ୍ଭ କରିଥିଲୁ। ୧୬ ଜଣ ମହିଳାଙ୍କ ପାଇଁ ପାଞ୍ଚଟି କାର। ପ୍ରତି ଗାଡିରେ ତିନି ଚାରିଜଣ ଥିଲୁ। ଆମ ସହିତ ମଣିପୁର ଟୁରିଜମ ଓ ପୋଲିସ ବିଭାଗ ତରଫରୁ ଗୋଟିଏ ଏସକର୍ଟ ଗାଡି ଇଣ୍ଡିଆ, ମ୍ୟାନମାର ବର୍ଡର ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଥିବା ଇମିଗ୍ରେଶନ୍ ଅଫିସ ତରଫରୁ ମଧ୍ୟ ଆମକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏବଂ ସେମାନେ ବର୍ଡର ଅତିକ୍ରମ କରିବା ପାଇଁ ଯାହାସବୁ ଔପଚାରିକତା ଥାଏ ତାକୁ ପୂରା କରିଥିଲେ। ସେହିଦିନ ଅପରାହ୍ନରେ ଆମେ ପ୍ରସିଦ୍ଧ ଫ୍ରେଣ୍ଡଶିପ ବ୍ରିଜ ଅତିକ୍ରମ କରି ମ୍ୟାନମାର ବର୍ଡର 'ତାମୁ'ରେ ପହଞ୍ଚିଲୁ। ତା'ପରେ ମ୍ୟାନମାର ବର୍ଡର ପାରକରି ଛୋଟିଆ ସହର 'କାଲେ'ରେ ପହଞ୍ଚି ସେଠାରେ ରାତ୍ରିଯାପନ କଲୁ। ରାସ୍ତାରେ ଆମ ଯାତ୍ରା ସମୟରେ ବର୍ମା ଲୋକଙ୍କଠାରୁ ଆମକୁ ବହୁତ ଭଲପାଇବା ମିଳିଥିଲା। ଭାରତୀୟ ଲୋକମାନଙ୍କ ପାଇଁ ତାଙ୍କ ମନରେ ଖୁବ୍ ଶ୍ରଦ୍ଧା। ହୋଟେଲରେ ଖାଇବା ସମୟରେ ବି ସେଠାକାର ଲୋକ ଆସି ଆମକୁ ନମସ୍କାର କରି ଅଭିବାଦନ ଜଣାଉଥିଲେ। ଆମେ ସେମାନଙ୍କ ଭାଷା ସିନା ବୁଝିପାରୁ ନ ଥିଲୁ କିନ୍ତୁ ସେମାନଙ୍କ ଭଲପାଇବା ଆଉ ଆନ୍ତରିକତାକୁ ଠିକ୍ ବୁଝୁଥିଲୁ। ଯେତେ ସମ୍ଭବ ସେମାନେ ଆମକୁ ସାହାଯ୍ୟ କରିବାକୁ ଚାହୁଁଥିଲେ। ମଝିରେ ମଝିରେ ରାସ୍ତାରେ କଫି ପାଇଁ ଅଟକୁଥିଲୁ। ରାତିରେ ହୋଟେଲରେ ରହୁଥିଲୁ। କିନ୍ତୁ ବାଟ ସାରା ପ୍ରାୟ ସବୁ ଦର୍ଶନୀୟ ଜାଗା ଆମେ ଦେଖି ଦେଖି ଯାଇଛୁ। ଯେମିତି 'ମହାବୋଧି ତା ହତାଙ୍ଗ' ଏହା ହେଉଛି ପୃଥିବୀର ଦ୍ୱିତୀୟ ଉଚ୍ଚତମ ଶୋଇଥିବା ବୁଦ୍ଧ ମୂର୍ତ୍ତି ପାଇଁ ପ୍ରସିଦ୍ଧ। ତା'ପରେ 'ଓଲ୍ଡ ବାଗାନ', ଏଠାରେ ସବୁଜିମା ଭିତରେ ରହିଛି ଦୁଇ ହଜାରରୁ ଅଧିକ ବୌଦ୍ଧ କୀର୍ତ୍ତିରାଜି।

ଏହାଛଡା ପାଗୋଡା ଓ କାଠ କାରୁକାର୍ଯ୍ୟ ଆଦି ଦେଖିଲୁ। ମ୍ୟାନମାର ମୂଲ୍ୟବାନ ପଥର ଓ ଗହଣା ପାଇଁ ବି ପ୍ରସିଦ୍ଧ। ଓଲ୍ଡ ବାଗାନରୁ ବାଗୋର ରାସ୍ତା ଖୁବ୍ ସୁନ୍ଦର। ଆମେ ଗୋଟିଏ ଦଳରେ ୫୬୦ କିମି ଅତିକ୍ରମ କରିଗଲୁ। ଥାଇଲାଣ୍ଡ ବର୍ଡର ପାର କରିବା ପୂର୍ବରୁ ବାଗୋ ଥିଲା ଆମ ଶେଷ ରହଣି।

ମ୍ୟାନମାରରେ ରାସ୍ତାର ଡାହାଣ ପଟେ ଗାଡି ଚଲେଇବାକୁ ହୁଏ। ଯାହାକି ଅନ୍ୟମାନଙ୍କ ପାଇଁ ଟିକେ ସମସ୍ୟା ହେଲା। ହେଲେ ମୁଁ କିଛିବର୍ଷ ୟୁଏସ୍‌ଏରେ ରହିଥିବା ଯୋଗୁ ମୋ ପାଇଁ ଯେମିତି କିଛି ଅସୁବିଧା ହେଲାନାହିଁ। ମ୍ୟାନମାର ଟୁରିଜମ୍ ବିଭାଗ ତରଫରୁ ଆମ କଡେ କଡେ ଗୋଟିଏ ଏସକର୍ଟ ଗାଡି ବି ଯାଉଥାଏ। ଆଉ ସେହି ଗାଡିକୁ ଅତିକ୍ରମ କରି ଯିବା ପାଇଁ ଆମକୁ ଅନୁମତି ନ ଥିଲା। ବ୍ୟାଙ୍କକ ଯିବା ରାସ୍ତାରେ ଆମେ ମେ ସୋଟ୍, ସାରାବୁରି, ଏବଂ ସୁଖୋଥାଇ ସହର ଅତିକ୍ରମ କରି ଏସିଆନ ହାଇୱେରେ ଗାଡି ଚଲେଇବାର ଖୁବ୍ ମଜା ନେଇଛୁ। ଯେତେବେଳେ ଆମେ ବ୍ୟାଙ୍କକରେ ପହଞ୍ଚିଲୁ ଖୁବ୍ ବଡଧରଣର ସ୍ୱାଗତ ସମ୍ବର୍ଦ୍ଧନା ଆମକୁ ଅପେକ୍ଷା କରି ରହିଥିଲା। ସନ୍ଧ୍ୟାରେ ଖୁବ୍ ସୁନ୍ଦର ଉତ୍ସବର ଆୟୋଜନ ହୋଇଥିଲା। ଖୁସିର ସେହି ମୁହୂର୍ତ୍ତ ସବୁ କେବେ ଭୁଲିହେବ ନାହିଁ। ଆଉ ବି ଭୁଲି ହେବନାହିଁ ସେଠାକାର ଦିଗନ୍ତବ୍ୟାପୀ ସବୁଜିମା, ବୌଦ୍ଧ କୀର୍ତ୍ତିରାଜି, ସୁନ୍ଦର ହାଇୱେ ସର୍ବୋପରି ସେଠାକାର ଲୋକଙ୍କ ଅଜସ୍ର ଭଲପାଇବା।

ସେଠାରୁ ଫେରି ମୁଁ ଯେତେବେଳେ ରାଉରକେଲାରେ ପହଞ୍ଚିଲି ଅନେକ ଲୋକ ଆସି ଶୁଭେଚ୍ଛା ଜଣାଇଛନ୍ତି। ମହିଳାମାନଙ୍କ ଦ୍ୱାରା ପ୍ରଥମ କରି ଆୟୋଜନ କରାଯାଇଥିବା ଏହି ରୋଡଟ୍ରିପ୍‌କୁ ନେଇ ଅନେକେ ପ୍ରଶଂସା କରିଛନ୍ତି। କିନ୍ତୁ ଏଥିରୁ ମୁଁ ଗୋଟିଏ କଥା ଅନୁଭବ କରିଛି ଯେ, ପିତାମାତାଙ୍କ ଆଶୀର୍ବାଦ ଓ ପରିବାରର ସହଯୋଗ ଥିଲେ ମହିଳାମାନେ ଅନେକ ଅସମ୍ଭବକୁ ସମ୍ଭବ କରିପାରିବେ। ତେବେ ତାଙ୍କର ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିକୁ ଚିହ୍ନିବା ସହିତ ନିଜ ଉପରେ ବିଶ୍ୱାସ ରହିବା ଦରକାର।

**-ରୋଜାଲିନ ମହାନ୍ତି**


# ହୋମର ଅନୁପ୍ରାଣିତ କବି





**ବିଶ୍ୱର ଏମିତି କୌଣସି ସାହିତ୍ୟ ସ୍ରଷ୍ଟା ନାହାନ୍ତି, ଯେଉଁମାନେ ହୋମରଙ୍କ ରଚନା ଦ୍ୱାରା ଅନୁପ୍ରାଣିତ ହୋଇନାହାନ୍ତି। ସେକ୍ସପିୟରଙ୍କଠୁ ଆରମ୍ଭ କରି ରାଧାନାଥ ରାୟ ବାହାଦୁର – ମହାକବି ହୋମରଙ୍କ ଦ୍ୱାରା ବହୁଭାବରେ ପ୍ରଭାବିତ। ସେମିତି ଜଣେ ହୋମର ପ୍ରଭାବିତ ବିଶ୍ୱ ସାହିତ୍ୟର ବରେଣ୍ୟ କବି ହେଉଛନ୍ତି ଲର୍ଡ ଟେନିସନ୍। ବିଶେଷକରି, ହୋମରଙ୍କ ରଚିତ ଇଲିଆଡ୍ ଓ ଅଡେସୀ ମହାକାବ୍ୟକୁ ନିଜ ଜୀବନର ଶ୍ରେଷ୍ଠ ଗ୍ରନ୍ଥ ବୋଲି କହିଥିଲେ ଟେନିସନ୍...**


ଗ୍ରୀକ୍ ମହାକବି ହୋମର କେବଳ ଜଣେ ସାଧାରଣ କବି ନ ଥିଲେ କିମ୍ବା ତାଙ୍କ ରଚନା କେବଳ ଗୋଟିଏ ଜାତିର ପୌରାଣିକ ଦସ୍ତାବିଜ ବହନ କରୁ ନ ଥିଲା। ଅଧିକନ୍ତୁ ତାଙ୍କର ରଚନା ସବୁ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିଲା ବୋଲି କୁହାଯାଏ। ବିଶ୍ୱର ଏମିତି କୌଣସି ସାହିତ୍ୟ ସ୍ରଷ୍ଟା ନାହାନ୍ତି, ଯେଉଁମାନେ ହୋମରଙ୍କ ରଚନା ଦ୍ୱାରା ଅନୁପ୍ରାଣିତ ହୋଇନାହାନ୍ତି। ସେକ୍ସପିୟରଙ୍କଠୁ ଆରମ୍ଭ କରି ରାଧାନାଥ ରାୟ ବାହାଦୁର – ମହାକବି ହୋମରଙ୍କ ଦ୍ୱାରା ବହୁଭାବରେ ପ୍ରଭାବିତ। ସେମିତି ଜଣେ ହୋମର ପ୍ରଭାବିତ ବିଶ୍ୱ ସାହିତ୍ୟର ବରେଣ୍ୟ କବି ହେଉଛନ୍ତି ଲର୍ଡ ଟେନିସନ୍। ବିଶେଷକରି, ହୋମରଙ୍କ ରଚିତ ଇଲିଆଡ୍ ଓ ଅଡେସୀ ମହାକାବ୍ୟକୁ ନିଜ ଜୀବନର ଶ୍ରେଷ୍ଠ ଗ୍ରନ୍ଥ ବୋଲି କହିଥିଲେ ଟେନିସନ୍। ଇଲିଆଡ୍, ଅଡେସୀର ଦୁଃଖ, ଯନ୍ତ୍ରଣା, ହତାଶା, ନୈରାଶ୍ୟ, ହର୍ଷ, ବିଷାଦ, ଯନ୍ତ୍ରଣା, ଶୋକାକୁଳତା ଆଦି ଟେନିସନ୍ଙ୍କ କବିତାରେ ଅତି ନିଖୁଣ ଭାବେ ପରିଲକ୍ଷିତ ହୋଇଥାଏ। କ୍ରିଟିକ୍ଙ୍କ ମତରେ ହୋମରଙ୍କ ଅନୁପ୍ରାଣିତ ହୋଇ ଟେନିସନ୍ ଯେଉଁ କାବ୍ୟକବିତା ରଚନା କରିଛନ୍ତି, ତାହା ଚିରଦିନ ଲାଗି ବିଶ୍ୱସାହିତ୍ୟର ଗୋଟିଏ ଗୋଟିଏ ମାଇଲଖୁଣ୍ଟ ହୋଇ ରହିଯାଇଛି।

**ପିତାଙ୍କ ସୁକୃତ:** କୁହାଯାଏ, ମା'ବାପାଙ୍କର ସୁକୃତ ଅର୍ଥାତ ଭଲକାମ ହିଁ ପିଲାମାନଙ୍କର ସୌଭାଗ୍ୟ ନିର୍ଦ୍ଧାରଣ କରିଥାଏ। ଏ କ୍ଷେତ୍ରରେ ମଧ୍ୟ ତାହା ହିଁ ପ୍ରତିଫଳିତ। ବ୍ରିଟେନ୍ର ଲିଙ୍କନ୍ସାୟାର୍ଠାରେ ୧୮୦୯ ମସିହାରେ ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଥିଲେ ଟେନିସନ୍। ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟରେ କଟିଥିଲା ତାଙ୍କର ଶୈଶବ। ବାପା କ୍ଲାଇଟନ୍ ଟେନିସନ୍ ଜଣେ ଧର୍ମଯାଜକ ଥିଲେ। ସେ ଆର୍ଥିକ ଦୟନୀୟତା ମଧ୍ୟଦେଇ ଗତି କରୁଥିଲେ ମଧ୍ୟ ତାଙ୍କର ପିଲାମାନଙ୍କୁ ଉଚିତ ସଂସ୍କାର ତଥା ଶୃଙ୍ଖଳା ମଧ୍ୟରେ ବଢ଼ାଇଥିଲେ। ସେ ସେମାନଙ୍କୁ ସବୁବେଳେ ଧର୍ମୋପଦେଶ ଦେଉଥିଲେ। ସେମାନଙ୍କୁ ଦେଶ ବିଦେଶର ପୁରାଣ ପଢ଼ାଉଥିଲେ। ଅତ୍ୟନ୍ତ ଦୁରବସ୍ଥା ମଧ୍ୟଦେଇ ଗତି କରିଥିବା କ୍ଲାଇଟନ୍ ଚାହୁଁଥିଲେ, ସେମାନଙ୍କ ପିଲାମାନେ ପଛେ ଅଧାପେଟରେ ରୁହନ୍ତୁ ହେଲେ ନୀତି ନୈତିକତାକୁ ଜୀବନରୁ ବାଦ୍ ଦିଅନ୍ତୁ ନାହିଁ। ଅତଏବ ତାହା ହିଁ ହୋଇଥିଲା। ଆଜି ବିଶ୍ୱ କ୍ଲାଇଟନ୍ଙ୍କ ସବା ସାନପୁଅ ଟେନିସନ୍ଙ୍କୁ ଜଣେ ପ୍ରସିଦ୍ଧ ଯୋଗଜନ୍ମା କବି ଭାବରେ ସମ୍ମାନ ପ୍ରଦର୍ଶନ କରୁଛି।




**ବ୍ରିଟିଶ କବିରୁ ବିଶ୍ୱକବି:** ବ୍ରିଟେନ୍ରେ ଜନ୍ମ ହୋଇଥିଲେ ମଧ୍ୟ ଟେନିସନ୍ ଆଜି ବ୍ରିଟେନ୍ର କବି ଭାବରେ ସୀମିତ ନୁହନ୍ତି। ତାଙ୍କୁ ବିଶ୍ୱକବି ଭାବରେ ସମ୍ମାନ ଜଣାନ୍ତି ସାରସ୍ୱତ ପ୍ରେମୀମାନେ। ରାଣୀ ଭିକ୍ଟୋରିଆଙ୍କ ଅମଳରେ ସେ ଥିଲେ ଜଣେ ବହୁ ପରିଚିତ ପ୍ରତିଭା। ଖୁବ୍ ଛୋଟ କବିତା ଲେଖି ସେଥିରେ ବୃହତ୍ ଗୋଷ୍ଠୀର କଥା କହିପାରୁଥିଲେ। ତାଙ୍କ କବିତାଗୁଡ଼ିକ ମଧ୍ୟରେ ରହିଛି, 'ଇନ୍ ଦି ଭେଲି ଅଫ୍ କଟେରେଜ୍, ବ୍ରେକ୍ ବ୍ରେକ୍ ବ୍ରେକ୍, ଆଇଡ୍ଲି ଟିଅର୍ସ, କ୍ରସିଂ ବାର୍', 'ଟିଅର୍ସ' ଆଦି ଅନ୍ୟତମ। କିମ୍ବଦନ୍ତୀ, ପୌରାଣିକ ଗାଥା, ଐତିହାସିକ ଘଟଣାବଳୀକୁ ନେଇ ତାଙ୍କର ପଦ୍ୟସବୁ ସମୃଦ୍ଧ। ବିଶେଷକରି ଗ୍ରୀକ୍ ମହାକାବ୍ୟର ୟୁଲିସେସ୍ ଚରିତ୍ରକୁ ନେଇ ସେ ନିଜର ସାରସ୍ୱତ ବ୍ୟକ୍ତିତ୍ୱ ନିର୍ମାଣ କରିଥିବା କ୍ରିଟିକ୍ମାନେ ମତବ୍ୟକ୍ତ କରନ୍ତି।

**ବନ୍ଧୁ ବିୟୋଗ:** ତାଙ୍କର ଜଣେ ଘନିଷ୍ଠ ବନ୍ଧୁ ଥିଲେ ଆର୍ଥର ହାଲମ୍। ସେ ମଧ୍ୟ ଥିଲେ ଜଣେ ସାରସ୍ୱତ ସାଧକ। କ୍ୟାମ୍ବ୍ରିଜ୍ର ଟ୍ରିନିଟ୍ଠାରେ ସେମାନେ ପରସ୍ପରକୁ ଭେଟିଥିଲେ। ଟେନିସନ୍ ନିଜ ଭଉଣୀକୁ ହାଲମ୍ଙ୍କ ସହିତ ବିବାହ ଦେଇ ବନ୍ଧୁତ୍ୱକୁ ଚିରଦିନ ପାଇଁ ସମ୍ପର୍କରେ ପରିଣତ କରିଦେବାକୁ ନିଷ୍ପତ୍ତି ନେଇଥିଲେ। ସବୁପ୍ରକାର ପ୍ରସ୍ତୁତି ମଧ୍ୟ ସରିଥିଲା। ମାତ୍ର ଈଶ୍ୱରଙ୍କ ଉଦ୍ଦେଶ୍ୟ ଥିଲା ଅଲଗା। ମସ୍ତିଷ୍କରେ ରକ୍ତପ୍ରଦାହ ଯୋଗୁ ହାଲମ୍ଙ୍କ ପରଲୋକ ଘଟିଥିଲା। ଏହି ଘଟଣା ଟେନିସନ୍ଙ୍କୁ ଦାରୁଣ ଆଘାତ ଦେଇଥିଲା। ତାଙ୍କ ସାହିତ୍ୟ ତଥା ଜୀବନୀ ଉପରେ ଗବେଷଣା କରିଥିବା ଗବେଷକମାନେ କହନ୍ତି ଯେ, ବନ୍ଧୁ ବିୟୋଗର ଦୁଃଖକୁ ବରଦାସ୍ତ କରିବା ପାଇଁ ଟେନିସନ୍ କବିତାର ଆଶ୍ରୟ ନେଇଥିଲେ। ସମ୍ଭବତଃ ସେଇଥିପାଇଁ ଟେନିସନ୍ଙ୍କ କବିତାରେ ଏତେ ଦୁଃଖ ଆଉ ଶୋକାକୁଳତା ପରିଲକ୍ଷିତ ହୋଇଥାଏ।

**ରାଜକବି:** ୱିଲିୟମ୍ ୱାର୍ଡସୱର୍ଥ ଥିଲେ ବ୍ରିଟେନ୍ର ରାଜକବି। ତାଙ୍କର ଦେହାନ୍ତ ଘଟିବା ପରେ ସେହି ସମ୍ମାନଜନକ ଆସ୍ଥାନଟି ଖାଲି ପଡ଼ିଥିଲା କହିଲେ ଚଳେ। ମାତ୍ର ସେହି ସମୟରେ ଟେନିସନ୍ଙ୍କ ଚର୍ଚ୍ଚା ଥିଲା ଆକାଶଛୁଆଁ। ତାଙ୍କୁ ହିଁ ଘୋଷଣା କରାଗଲା ରାଜକବି। ଆଉ ତାହା ହିଁ ଥିଲା ଟେନିସନ୍ଙ୍କ ପାଇଁ ଏକ ଯଥୋଚିତ ପୁରସ୍କାର। ସେ ତାଙ୍କର ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ ରାଜକବି ହୋଇ ରହିଥିଲେ। ସେହି ସମୟରେ ପ୍ରକାଶ ପାଇଲା ତାଙ୍କ ବହି 'ଇନ୍ ମେମୋରିଅମ୍'। ଏହାକୁ ସାହିତ୍ୟ ସମାଲୋଚକମାନେ ଟେନିସନ୍ଙ୍କର ବିଶ୍ୱ ସାହିତ୍ୟକୁ ଏକ ସର୍ବଶ୍ରେଷ୍ଠ ଅବଦାନ ବୋଲି କହିଥାନ୍ତି। ଏହି ବହିଟିକୁ ସେ ତାଙ୍କ ପରଲୋକଗତ ବନ୍ଧୁ ହାଲମ୍ଙ୍କୁ ସମର୍ପଣ କରିଥିଲେ।

## ବ୍ରତ

ବିଶ୍ୱାସର ବଟବୃକ୍ଷ
ତ୍ୟାଗର ସଳିତା
ପ୍ରେମର ପାରିଜାତକୁ
ଆପଣାର କରିନେଲେ
ସମ୍ପର୍କର ମହକ ମହକିଯାଏ
ସଂସାର ଉପବନରେ,

ସଞ୍ଜଠୁ ସକାଳ,
ଜନମଠୁ ମୃତ୍ୟୁ
ଅତୁଟ ରହେ ସେ
ବନ୍ଧନ ହୃଦୟରେ,

ସେ ବିଶ୍ୱାସର ବନ୍ଦନାରେ
ତ୍ୟାଗର ତପସ୍ୟାରେ
ପ୍ରେମର ପରାକାଷ୍ଠାରେ
ମୃତ୍ୟୁ ଫେରିଆସେ ଜୀବନ
ପାଖକୁ,

ପୁଣି କେବେ କେବେ ଯୋଡି
ହୋଇଯାଏ ସମ୍ପର୍କର ଫାଟ,
ଆଗେଇଚାଲେ ସଂସାରର ରଥ
ସେଇଥିପାଇଁ ତ ଏ ବ୍ରତ।

–ସୁଜିତ କୁମାର ମିଶ୍ର
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝରଗଡ



## ଅଧିକାର

–ଦେବେନ୍ଦ୍ର କର

ଭୋଟକେନ୍ଦ୍ର ବାହାରେ ଲମ୍ବା ଧାଡ଼ି ଲାଗିଥାଏ। ପୋଲିସ ବାବୁମାନେ ଗେଟ ବାହାରେ ପହରା ଦେଉଥାନ୍ତି। ଏଇ ସମୟରେ ରିକ୍ସାଟିଏ ଲାଗିଲା ଗେଟ ପାଖରେ। ରିକ୍ସାରେ ଥିଲେ ବୁଢାବୁଢୀ ଦୁହେଁ। ବେଶଭୂଷାରୁ ମନେ ହେଉଥାଏ ବେଶ୍ ଥିଲାବାଲା ଘରର। କଳା ମଚମଚ୍ ଧେଡିଆ ରିକ୍ସାବାଲାଟା ଝାଳରେ ପୂରାପୂରି ଗାଧୋଇ ପଡ଼ିଥାଏ। ପର୍ସରୁ ପଇସା କାଢୁ କାଢୁ ବୁଢୀ ରିକ୍ସାବାଲାକୁ ପ୍ରଶ୍ନ କଲା ଆରେ ତୁ ଆଜି ଭୋଟ ଦେବୁନି କି ? ଗାମୁଛାରେ ମୁହଁ ପୋଛୁ ପୋଛୁ ରିକ୍ସାବାଲା ହସିଦେଇ କହିଲା ନାଇଁ ମା ମୁଁ ଭୋଟଫୋଟ ଦିଏନି କ'ଣ ମିଳିବ ଆମକୁ ଏଥରୁ। ବୁଢୀ କେମିତିଆ ମୁହଁଟେ କରି କହିଲା ଏ କ'ଣ ମିଳିବ ଭୋଟ ଦେବା ପା ପ୍ରତ୍ୟେକ ନାଗରିକର ଅଧିକାର ତୁ କ'ଣ ଏ ଦେଶର ନାଗରିକ ନୁହେଁ। ରିକ୍ସାବାଲା ସଙ୍ଗେ ସଙ୍ଗେ କହି ଉଠିଲା ଆମ ପରି ମଳିମୁଣ୍ଡିଆ ଲୋକଙ୍କର ପୁଣି ଅଧୀକାର। ଏଇ ଟିକେ ପୂର୍ବରୁ ଦେଖନ୍ତୁ ମୁଁ ଭଡା ୪୦କହିଲି ଆପଣ କହିଲେ ୨୦। କଥା ରହିଲା, ଆପଣଙ୍କର ଅଟୋରେ ଆସିଥିଲେ ଆପଣଙ୍କୁ ୪୦ଟଙ୍କା ପଡିଥାନ୍ତା। ଏକଥାରେ ବୁଢୀ ଆଖି ବଡ ବଡ ହେଇଗଲା ସେପଟରୁ ପାନ ଚୋବେଇ ଚୋବେଇ ବୁଢା କହିଲା ତୁ ଆଉ ଆମକୁ ପାଠ ଶିଖାନା। ତତେ ଭୋଟ କଥା ପଚାରିଲୁ ତୁ ଆମକୁ ଭଡା କଥା କହିଲୁଣି। ତୁ ନିହାତି ବଦମାସ୍ ଲୋକଟା। ବୁଢୀ ରିକ୍ସାବାଲା ହାତକୁ ୨୦ଟଙ୍କା ନୋଟ ଟା ବଢେଇ ଦେଇ କହିଲା ଚାଲ୍ ଭିତରକୁ ଦେଖିବୁ କେତେ ଲୋକ ଭୋଟ ଦେବାକୁ ଲାଇନ ଲଗେଇଛନ୍ତି। ମନେରଖ ଏ ସୁଯୋଗ ୫ବର୍ଷରେ ଥରେ ମିଳେ। କାନ୍ଧରେ ଗାମୁଛାଟା ସଜାଡୁ ସଜାଡୁ ରିକ୍ସାବାଲା କହିଲା ମା ଜାଣିଛନ୍ତି ଏଇ ସରକାର ଆମ ଜଙ୍ଗଲଜମି ଛଡାଇ ନେଇ ଆମକୁ ବେଘର କଲା। ପିଲାଛୁଆଙ୍କୁ ଆମେ ପାଠ ଦିଅକ୍ଷର ପଢେଇ ପାରିଲୁନି। ରୋଜଗାର ପାଇଁ ସହର ଆସିଲୁ। ରାସ୍ତା କଡରେ ଏବେ ପଡିଛୁ ମେଶିନ ଲଗେଇ ଘର ଭାଙ୍ଗିଦେବ ବୋଲି ଧମକ ଦେଉଛନ୍ତି ବାବୁମାନେ। ଏବେ କୁହତ ଆମର ଅଧିକାର କ'ଣ ? ଜୀବନ ଅଛି ଯେ ପର୍ଯ୍ୟନ୍ତ ଖଟିବୁ ଖାଇବୁ ନ ହେଲେ ନାହିଁ। ଏତକ ଶୁଣି ବୁଢାବୁଢୀ ଦିହେଁ ଚୁପଚାପ୍ ଭୋଟକେନ୍ଦ୍ର ଆଡକୁ ପାଦ ବଢେଇଲେ। ଡାକ ଛାଡି ଛାଡି ରିକ୍ସାବାଲା ଆଗକୁ ବଢିଲା କୁଆଡେ ଯିବ ଭାଇ.. ଆସ... ମାଉସୀ ଆସ ମା.. ଆସ ମା..। ଡହ ଡହ ଖରାରେ ରାସ୍ତାଟା ପୂରାପୂରି ଜନଶୂନ୍ୟ ଦିଶୁଥିଲା।

*–ମଙ୍ଗଳାବାଗ,*
*ନିୟୋଗି କଲୋନି, କଟକ–୧*

## ଆଞ୍ଜୁଳାଏ ଖରାଫୁଲ

–ଦେବାଶିଷ ଚକ୍ରବର୍ତ୍ତୀ

**ଖରା**
ଖରାର ଦାନ୍ତରେ ଝୁଣି ହୋଇଯାଏ
ରାସ୍ତାର କଳାପିଠି
ବିବଶ ଦାଦନ ଦେଇଛି ସତେକି
ଲୁହର ସ୍ୟାହିରେ ଚିଠି।

**ଡହକ**
ଡହକ ତାତିରେ ଶୁଖଇ ଯେପରି
ପାହାଡ଼ୀ ନଈର ଛାତି
ସ୍ୱାର୍ଥ ଡହକରେ ଉଜୁଡ଼େ ସେପରି
ମନର ଜହ୍ନରାତି।

**ଶୋଷ**
ଓଠର ଶୋଷକୁ ତୃପ୍ତକରେ ସିନା
ମୁନ୍ଦାଏ ଶୀତଳ ପାଣି
ଲୋଭର ଶୋଷକୁ ମେଣ୍ଟାଇ ପାରେନି
ମହାନଦୀ, ବୈତରଣୀ।

**କୁରେଇ**
ଖରାର ନିଆଁରେ ସିଝିଲେବି ସିଏ
ଭିତରେ ଶୁଭ୍ରଜ୍ୟୋତି
ଉପେକ୍ଷାରେ ସିଝି ଝଲସେ ଯେପରି
ସଚ୍ଚୋଟପଣର ଦ୍ୟୁତି।

**ସୂର୍ଯ୍ୟ**
ମଧ୍ୟାହ୍ନ ସୁରୁଜ ମନେହୁଏ ସିନା
ଦାଉଦାଉ ନିଆଁ ହୁଳା
ତା'ଠାରୁ ଅଧିକ କଷ୍ଟ ଦିଅଇ
ଭୋକିଲା ପେଟର ଜ୍ୱାଳା।

*ମଣ୍ଡୁଆ, କେନ୍ଦୁଝର ଗଡ଼– ୭୫୮୦୧୪*



# କ'ଣ କରିବେ ସଲ୍ଲୁ



ସଲ୍ଲୁ ମିଆଁ ଓରଫ ସଲମାନ ଖାନ ଦୋଛକିରେ ପଡ଼ିଯାଇଛନ୍ତି। ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। କଥା କ'ଣ କି ଯେହେତୁ ତାଙ୍କ ହାତରେ ଗୁଡ଼ାଏ ଅଫର ରହିଛି ତେଣୁ ସେଗୁଡ଼ିକର ଶୁଟିଂ କିପରି ଶେଷ ହେବ ସେନେଇ ଟେନସନରେ ଅଛନ୍ତି ସେ। ଏପଟେ ନିର୍ଦ୍ଦେଶକ ରୋହିତ ସେଟ୍ଟି ତାଙ୍କ ପିଛା ଛାଡ଼ିବାକୁ ନାରାଜ। ତାଙ୍କର ଆଗାମୀ ଫିଲ୍ମରେ ସଲ୍ଲୁ ଯେମିତି ଅଭିନୟ କରିବେ ସେଥିପାଇଁ ପୂରାଦମ୍‌ରେ ଲାଗିପଡ଼ିଛନ୍ତି ରୋହିତ। ହେଲେ ସେପଟେ ସଲ୍ଲୁଙ୍କ ହାତରେ ସମୟ ନାହିଁ କି ସେ ଏଭଳି ଅଫରକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ତେବେ ଏ ନେଇ ୨-୩ ସପ୍ତାହ ମଧ୍ୟରେ ଶେଷ ନିଷ୍ପତ୍ତି ନେବି ବୋଲି କହିଛନ୍ତି ସଲ୍ଲୁ।

## ରାଣୀଙ୍କ ଖୋଲତାଣି

ରାଣୀ ମୁଖାର୍ଜୀଙ୍କ ଖୁସି କହିଲେ ନ ସରେ। କାରଣ ମ୍ୟାରେଜ ପରେ ତାଙ୍କୁ ପୁଣି ଥରେ ଅମିତାଭ ବଚ୍ଚନଙ୍କ ଅପୋଜିଟ୍‌ରେ କାଷ୍ଟିଂ କରା ଯାଇଛି। କଥା କ'ଣ କି ୨୦୦୫ରେ ନିର୍ମିତ 'ବଣ୍ଟି ଔର ବବ୍‌ଲି'ର ସିକୁଏଲ ନିର୍ମାଣ ହେବାକୁ ଯାଉଛି। ଏହାର ମୁଖ୍ୟ ଭୂମିକାରେ ଏଥର ପ୍ରଯୋଜକ ଅମିତାଭ ଏବଂ ରାଣୀଙ୍କୁ ସାଇନ୍ କରିବାକୁ ସ୍ଥିର କରିଛନ୍ତି। ଏ ସମ୍ପର୍କରେ ରାଣୀ କହନ୍ତି, 'ଏପରି ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଅମିତାଭଙ୍କ ସହ ମୁଁ ପୁଣି ଥରେ ଅଭିନୟ କରିବାକୁ ଯାଉଛି, ଯା ଠାରୁ ଖୁସିର କଥା କିଛି ନାହିଁ। ତେବେ ଏହି ଫିଲ୍ମର ଶୁଟିଂ ଆସନ୍ତା ମାସରୁ ମୁମ୍ବାଇରେ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଅରୋଜିତ-ଅନନ୍ୟା

# ଦିନ ଗଣୁଛନ୍ତି ଅଙ୍କିତା



ଅଙ୍କିତା ଲୋଖାଣ୍ଡେ ଏବେଠାରୁ ଦିନ ଗଣିବା ଆରମ୍ଭ କରିଛନ୍ତି। ନିକଟରେ ତାଙ୍କର ବୟଫ୍ରେଣ୍ଡ ଭିକି ଜୈନ ମୁମ୍ବାଇରେ ଏକ ଫ୍ଲାଟ କିଣିଛନ୍ତି। ଶୁଣିବାକୁ ମିଳୁଛି ଯେ ଦୁହେଁ କୁଆଡେ ଆଉ ଡେରି ନ କରି ହାତକୁ ଦି' ହାତ ହେବେ। ତେଣୁ ତା' ପୂର୍ବରୁ ଭିକି ଏହି ଫ୍ଲାଟ୍‌କୁ କିଣିଛନ୍ତି। ହେଲେ କେବେ ସେମାନେ ମ୍ୟାରେଜ କରିବେ ସେ ନେଇ ଦୁଇ ପରିବାର ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ। ଏ ବିଷୟରେ ସଫେଇ ଦେଇ ଅଙ୍କିତା କହନ୍ତି, 'ମୁଁ ଜାଣିଛି ଭିକି ନିକଟରେ ଏକ ଲଗ୍‌ଜୁରିୟସ ୮-ବିଏଚକେ ଫ୍ଲାଟ୍ କିଣିଛନ୍ତି। ଏହାର ଅର୍ଥ ନୁହେଁ ଯେ ଆମେ ଖୁବ୍ ଶୀଘ୍ର ମ୍ୟାରେଜ କରିବାକୁ ଯାଉଛୁ। ଯେତେବେଳେ ତାହା ଫାଇନାଲ ହେବ ମୋ ପଟରୁ ମୁଁ ଜଣାଇ ଦେବି। ତାହାକୁ ନେଇ ପୂର୍ବାନୁମାନ କରିବା ଠିକ୍ ନୁହେଁ।' ସୁଶାନ୍ତ ସିଂ ରାଜପୁତଙ୍କ ସହ ବ୍ରେକ୍ ଅପ ହେବା ପରେ ଅଙ୍କିତା ଏବେ ଭିକିଙ୍କ ପ୍ରେମରେ ମସଗୁଲ। 'ପବିତ୍ର ରିସ୍ତା' ଧାରାବାହିକ ଅଙ୍କିତାଙ୍କୁ ବେଶ୍ ପରିଚିତ କରାଇପାରିଥିଲା। ଅପରପକ୍ଷରେ ହିନ୍ଦୀ ସିନେମା 'ମଣିକର୍ଣ୍ଣିକା : ଦ କୁଇନ୍ ଅଫ୍ ଝାନସୀ'ରୁ ବଲିଉଡ୍ କ୍ୟାରିୟର ଆରମ୍ଭ କରିଛନ୍ତି ଅଙ୍କିତା।

# ତଥାପି ଆଶାରେ ତାରା



ଆଶା ଅସୁମାରି। ହେଲେ ମଣିଷର ସବୁ ଆଶା ପ୍ରାୟ ପୂରଣ ହୁଏନା। କେହି କେହି ଏଥିରେ ବିଫଳ ହେଲେ ମଧ୍ୟ ନିଜର ଆଶା ନିଶ୍ଚୟ ସଫଳ ହେବ ବୋଲି ଚାହିଁ ବସିଥାଆନ୍ତି। ଠିକ୍ ସେମିତି ତାରା ସୁତାରିଆ ଏବେ ବି ନିରାଶ ହୋଇନାହାନ୍ତି। ଆଶା ରଖିଛନ୍ତି ଯେ ଆସନ୍ତାବର୍ଷ ତାଙ୍କର ହଲିଉଡ୍ କ୍ୟାରିୟର ଯେମିତି ହେଲେ ଆରମ୍ଭ ହେବ। ଅବଶ୍ୟ ଏହାପୂର୍ବରୁ ତାଙ୍କୁ ଏକ ହଲିଉଡ୍ ଅଫର ମିଳିଥିଲା। କିନ୍ତୁ ସବୁକିଛି ଅଧାବାଟରେ ଅଟକି ଯାଇଥିଲା। ଏ ବିଷୟରେ ତାରା କହନ୍ତି, 'ଥରେ ଅଫର ହାତରୁ ଖସିଗଲା ବୋଲି ସବୁବେଳେ ତାହା ଘଟିବ, ଏପରି ଭାବିବା ଭୁଲ। ମୋର ନିଜ ଉପରେ ଯଥେଷ୍ଟ ଭରସା ରହିଛି। ଏବେ ମଧ୍ୟ କେତେକ ହଲିଉଡ୍ ପ୍ରଯୋଜକ ମୋ ସହ ଯୋଗାଯୋଗରେ ଅଛନ୍ତି। ମୋର ଦୃଢ଼ ବିଶ୍ୱାସ ଆସନ୍ତା ବର୍ଷ ମୁଁ ହଲିଉଡ୍‌ରେ ଏଣ୍ଟ୍ରି କରିବି। ଇଣ୍ଟରନ୍ୟାଶନାଲ ଫିଲ୍ମରେ ଅଭିନୟ କରିବି ବୋଲି ଗତ କିଛି ବର୍ଷ ହେଲା ମୋ ଚେଷ୍ଟା ଜାରି ରଖିଛି। ହେଲେ ଏ କ୍ଷେତ୍ରରେ କେବେ ପଛକୁ ଫେରି ଚାହିଁବି ନାହିଁ।' ତାରା ଚଳିତବର୍ଷ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ସେ ଅନ୍ୟତମ ନାୟିକା ଭାବରେ ଅବତୀର୍ଣ୍ଣ ହୋଇଥିଲେ। ହେଲେ ଟାଇଗର ଶ୍ରଫ୍ ଓ ନବାଗତା ଷ୍ଟାର କିଡ୍ ଅନନ୍ୟା ପାଣ୍ଡେ ଅଭିନୀତ ଏହି ଫିଲ୍ମଟି ଆଶାନୁରୂପ ବିଜ୍‌ନେସ କରିପାରି ନ ଥିଲା। ତେବେ ତାରାଙ୍କର ହଲିଉଡ୍ ଆଶା କେବେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଟିରକୁଟ୍

ପ୍ରେମ ଏପରି ଏକ ନିଶା ଯାହା ଥରେ ଘାରିଲେ ସହଜରେ ଛାଡ଼ି ନ ଥାଏ। ଆଉ ସେଥିରୁ ଜଣେ ବସ୍ତି ପିଲା ବାଦ୍ ପଡ଼ିବ କିପରି ? ସେହି ଭଲ ପାଇବା ଭିତରେ ତାହାର ଅଭାବ, ଅସୁବିଧା, ସଂଘର୍ଷ ପ୍ରତିଫଳିତ ହୋଇଛି। କେବଳ ସେତିକି ନୁହେଁ, ଏଥିରେ ଇମୋଶନ, କମେଡି ଏବଂ ଆକ୍ସନର ଝଲକ୍ ମଧ୍ୟ ଦେଖିବାକୁ ମିଳିବ। ହଁ, ଏକ ଭିନ୍ନଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଟିରକୁଟ୍'। ଅକ୍ଷୟ ପରିଜା ପ୍ରଡକ୍ସନ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଅନ୍ୟତମ ଆଗଧାଡ଼ିର ପ୍ରଯୋଜକ ଅକ୍ଷୟ କୁମାର ପରିଜା। ଖାସ୍ କଥା ହେଲା କମେଡିଆନ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପପୁ ପମପମ ଏହି ଫିଲ୍ମରୁ ବଡ଼ ପରଦା ପାଇଁ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ତା' ସହ ଉକ୍ତ ସିନେମାରେ ସଂଯୋଜିତ ତଥା ସୁରେଶ ପଣ୍ଡା, ଦୀପକ ଜେନା ଏବଂ ସୁମିତଙ୍କ ରଚିତ ଗୀତଗୁଡ଼ିକୁ ମଧ୍ୟ ସ୍ୱର ଦେଇଛନ୍ତି ପପୁ। ଏହି ଫିଲ୍ମରେ ଅଭିନୟ କରୁଥିବା ଅଧିକାଂଶ କଳାକାର ନୂଆ। ବିଶେଷଭାବରେ ନବାଗତ ଅରୋଜିତ ଏବଂ ଅନନ୍ୟାଙ୍କୁ ଏଥିରେ ଲିଡ୍ ରୋଲ୍‌ରେ ବ୍ରେକ୍ ମିଳିଛି। ଅନ୍ୟପକ୍ଷରେ ଆଗଧାଡ଼ିର ଅପେରା ନିର୍ଦ୍ଦେଶକ ବିନୋଦ ରାଉତ, ମଞ୍ଚ ଅଭିନେତା କୃପାସିନ୍ଧୁ ନାୟକ, ସଂସ୍କୃତି, ଦୀପକ ତ୍ରିପାଠୀ, ହର୍ଷିତା, ଅରବିନ୍ଦ ଜେନା, ସିଦ୍ଧାର୍ଥ, ସୋନୁ, ଆୟୁଷୀ ଏବଂ ମୁକେଶ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଖାସ୍ କଥା ହେଲା ଚଳିତବର୍ଷ ରଜରେ ରିଲିଜ ହେବାକୁ ଯାଉଥିବା ଏହି ଫିଲ୍ମର ପ୍ରଥମ ଶୋ'କୁ ସାରା ଓଡ଼ିଶାରେ ମାଗଣାରେ ଦେଖିହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



# କ'ଣ ପାଇଁ ସିରିୟସ ଦିଶା

ଦିଶା ପଟାନି ଏବେ ଭାରି ସିରିୟସ ଲାଗୁଛନ୍ତି। ଅଧିକ କଥାବାର୍ତ୍ତା କରୁନାହାନ୍ତି। ତାଙ୍କୁ ଦେଖିଲେ ଏମିତି ଲାଗୁଛି ଯେ ସତେ ଯେମିତି ସେ କିଛି କଥାକୁ ନେଇ ବେଶ୍ ସିରିୟସ। କଥାଟି ନିଶ୍ଚୟ ସତ। ଯେଉଁ କଥା ପାଇଁ ତାଙ୍କର ଏହି ସିରିୟସ ଅବତାର ତାହା କ'ଣ ଜାଣନ୍ତି ? ନିଜର ଫିଟ୍‌ନେସ୍। ନିଜକୁ ଆହୁରି ଫିଟ୍ ରଖିବା ପାଇଁ ସେ ପୂରାଦମ୍‌ରେ ଅଣ୍ଟା ଭିଡିଛନ୍ତି। କଥା କ'ଣ କି ଖୁବ୍ ଶୀଘ୍ର ସେ ଏକ ଆକ୍ସନ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଚଳଚ୍ଚିତ୍ରର ଭୂମିକାକୁ ନେଇ ତାଙ୍କ ଗୋଡ ତଳେ ଲାଗୁନି। ସେପଟେ ଏପରି ଭୂମିକା ପାଇଁ ତାଙ୍କୁ କସରତ କରିବାକୁ ପଡ଼ିବ। ଅର୍ଥାତ୍, ସୀମିତ ସମୟ ଭିତରେ ତାଙ୍କୁ ଓଜନ କମାଇବା ସହ ନିଜ ଫିଟ୍‌ନେସ୍ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ତେଣୁ ଏଥିପାଇଁ ସେ ଜିମ୍‌ରେ ଅଧିକ ସମୟ ବିତାଇବା ସହ ଡାଏଟିଂ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ହେଲେ ଏହି ଭୂମିକାରେ କ'ଣ ସ୍ପେଶାଲ ରହିଛି ତାହା ସେ ଏବେ କୁଆଡେ କହିବେ ନାହିଁ।

ପ୍ରଥମ ରୋଜଗାର

# ରୋଜଗାର ଟଙ୍କାରେ କରଜ ଶୁଝିଥିଲି



ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ **ସୁବୋଧ ପଟ୍ଟନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୋ ଜନ୍ମ ଗଞ୍ଜାମ ଜିଲାର ଛତ୍ରପୁରରେ। ବାପା ଥିଲେ ଜଣେ ପ୍ରାଣୀ ଚିକିତ୍ସକ ଓ ମା' ଥିଲେ ଶିକ୍ଷୟିତ୍ରୀ। ଯେହେତୁ ଚାକିରି କ୍ଷେତ୍ରରେ ସେମାନଙ୍କର ବାରମ୍ବାର ବଦଳି ହେଉଥିଲା, ତେଣୁ ମୋର ପାଠପଢ଼ା ବି ବିଭିନ୍ନ ସ୍କୁଲରେ ହୋଇଥିଲା। ତେବେ ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀସାଗର ଉଚ୍ଚ ବିଦ୍ୟାଳୟରୁ ୧୯୭୯ ମସିହାରେ ଏକାଦଶ ପାସ୍ କରିବା ପରେ ପୁରୀ ଏସ୍‌ସିଏସ୍ କଲେଜରେ ଆଇଏସ୍.ସି. ପଢ଼ିଥିଲି। ତା'ପରେ ବ୍ରହ୍ମପୁର ଇଂଜିନିୟରିଂ ସ୍କୁଲରେ ଡିପ୍ଲୋମା ଇନ୍ ଇଲେକ୍ଟ୍ରୋନିକ୍ସ ଇଂଜିନିୟରିଂ ପଢ଼ିବା ପାଇଁ ଆଡ୍‌ମିଶନ ନେଲି। କିନ୍ତୁ ର‌୍ୟାଗିଂ ହେବାରୁ ଇଂଜିନିୟରିଂ ସ୍କୁଲ୍ ଛାଡ଼ି ଭୁବନେଶ୍ୱର ଚାଲି ଆସିଲି। ଯେହେତୁ ସ୍କୁଲ ଓ କଲେଜ ପଢ଼ାବେଳୁ ସ୍କାଉଟ୍, ଗାଇଡ୍, ସ୍ପୋର୍ଟ୍ସ ଆଦିରେ ଭାଗ ନେବା ସହ ଡ୍ରାମାରେ ଅଭିନୟ କରୁଥିଲି, ତେଣୁ କଳା କ୍ଷେତ୍ରରେ କିଛି ଗୋଟାଏ କରିବାକୁ ଚିନ୍ତା କରି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଆଡ୍‌ମିଶନ ନେଲି। ପାଠ ଭଲ ପଢୁଥିବାରୁ ୩ୟ ଶ୍ରେଣୀରୁ ମୋତେ ବୃତ୍ତି ମିଳି ଆସୁଥିଲା, ଆଉ ମା' ସେହି ଟଙ୍କାକୁ ପୋଷ୍ଟାଲରେ ଜମା କରି ଦେଉଥିଲେ। ହେଲେ ଯେବେ ମୁଁ ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବାକୁ ନିଷ୍ପତ୍ତି ନେଲି, ସେବେ ପୋଷ୍ଟାଲରେ ଜମା ଥିବା ମୋ ବୃତ୍ତି ଟଙ୍କା ଉଠାଯାଇ ଆଡ୍‌ମିଶନ ଖର୍ଚ୍ଚରେ ଲାଗିଥିଲା। ଏଠାରେ ମୁଁ ଡ୍ରାମାରେ ସ୍ନାତକୋତ୍ତର ପର୍ଯ୍ୟନ୍ତ ପଢ଼ିଲି। ପଢ଼ା ଭିତରେ ମୋତେ ଦୂରଦର୍ଶନ ତରଫରୁ ପ୍ରସ୍ତୁତ 'ମାମୁଁ' ନାମକ ଏକ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଲା। ଏଥିରେ ମାମୁଁ ଭୂମିକାରେ ବିଜୟ ମହାନ୍ତି ଅଭିନୟ କରୁଥିବାବେଳେ ମୁଁ ଭଣଜା ଭୂମିକାରେ ଅଭିନୟ କଲି। ଏହାପରେ ଆଉ ଏକ ଚଳଚ୍ଚିତ୍ର 'ହାକିମ ବାବୁ'ରେ ମଧ୍ୟ ଅଭିନୟ କଲି। ଏଥିରେ ମୁଁ ଅଜିତ୍ ଦାସଙ୍କ ହାକିମ୍ ବାବୁ ଚରିତ୍ରର ପିଲାବେଳର ଅଭିନୟ କରିଥିଲି। ଖୁସି ଲାଗୁଥିଲା। ଭାବିଥିଲି ଅଭିନୟକୁ କ୍ୟାରିୟର୍ କରିବି। କିନ୍ତୁ ବିଧିର ବିଧାନ ବିଚିତ୍ର। ଏକ ଦୁର୍ଘଟଣାର ସମ୍ମୁଖୀନ ହେଲି। ଅଣ୍ଟାରେ ଆଘାତ ଲାଗିବାରୁ ଆଉ ଅଭିନୟ କରିବାକୁ ଇଚ୍ଛା ହେଲାନି। ଏହାପରେ ନିର୍ଦ୍ଦେଶନା କ୍ଷେତ୍ର ଆଡ଼େ ମୁହାଁଇଲି। ପ୍ରଥମ ଥର ଦୂରଦର୍ଶନ ତରଫରୁ 'ସମସ୍ୟା' ନାମକ ଏକ ନାଟକ ଲେଖିଲି ଆଉ କିଛି ପଇସା କରଜରେ ଆଣି କଳାକାର, କଷ୍ଟ୍ୟୁମ୍, ମ୍ୟୁଜିକାଲ୍ ଇନ୍‌ଷ୍ଟ୍ରୁମେଣ୍ଟ ଇତ୍ୟାଦି ଯୋଗାଡ଼ କରି ଦୂରଦର୍ଶନର ଯୁବ କାର୍ଯ୍ୟକ୍ରମରେ ନାଟକଟିକୁ ପରିବେଷଣ କଲି। ସୂଚନାଯୋଗ୍ୟ, ଏହି ନାଟକରୁ ହିଁ ମୁଁ ମୋର ନିର୍ଦ୍ଦେଶନା କ୍ୟାରିୟର୍ ଆରମ୍ଭ କରିଥିଲି। ଏଥିପାଇଁ ମୋତେ ୧୫୦୦ ଟଙ୍କାର ଏକ ଚେକ୍ ବି ମିଳିଥିଲା, ଯାହାକି ଥିଲା ମୋ ଜୀବନର ପ୍ରଥମ ରୋଜଗାର। ସେତେବେଳେ ମୋର କୌଣସି ବ୍ୟାଙ୍କ ଆକାଉଣ୍ଟ ନ ଥିଲା। ତେଣୁ ଏସ୍‌ବିଆଇରେ ଗୋଟେ ଆକାଉଣ୍ଟ ଖୋଲି ଚେକ୍ ଭଙ୍ଗାଇଲି। ତା'ପରେ ଟଙ୍କା ଉଠାଇ କରଜ ସବୁ ଶୁଝିଥିଲି। ଏହାପରେ 'ଭୁଲି ହୁଏନା' ଚଳଚ୍ଚିତ୍ରରେ ସହ-ନିର୍ଦ୍ଦେଶକ ଭାବେ କାମ କରିବାର ସୁଯୋଗ ପାଇଲି। ତା'ପରେ 'ବୋହୂ ହେବ ଏମିତି' ଚଳଚ୍ଚିତ୍ରରେ ସହ-ନିର୍ଦ୍ଦେଶକ ଭାବେ କିଛି ଦିନ କାମ କରିବା ପରେ ଚଳଚ୍ଚିତ୍ର ଜଗତକୁ ଛାଡ଼ିଲି। କେବଳ ନାଟକରେ ନିର୍ଦ୍ଦେଶନା ଦେବାକୁ ଚିନ୍ତା କରି ୧୯୮୬ରେ 'ନାଟ୍ୟ ଚେତନା' ନାମକ ଏକ ଥିଏଟର୍ ସଂସ୍ଥା ପ୍ରତିଷ୍ଠା କଲି। ଏଥିରେ ପିଲାମାନଙ୍କୁ ନାଟକ ଉପରେ ଶିକ୍ଷା ଦେବା ସହ ଅନେକ ନାଟକ ମଧ୍ୟ ପ୍ରସ୍ତୁତ କଲି। ଯା'ଭିତରେ 'ନାଟ୍ୟ ଚେତନା' ତରଫରୁ ପ୍ରାୟ ୨୭ ନାଟକ ଓ ୪୭ଟି କ୍ଷୁଦ୍ର ନାଟକ ପ୍ରସ୍ତୁତ ହୋଇ ସାରିଲାଣି। ତନ୍ମଧ୍ୟରୁ ଅନେକ ନାଟକ ଦେଶର କେତେକ ସ୍ଥାନ (ଯେମିତିକି କଲିକତା, ଦିଲ୍ଲୀ, ବମ୍ବେ, ଚେନ୍ନାଇ ଇତ୍ୟାଦି) ଓ ବିଦେଶ (ନେପାଳ, ବାଂଲାଦେଶ, କୋରିଆ, ହଂକଂ, ନେଦରଲ୍ୟାଣ୍ଡ, ବେଲ୍‌ଜିୟମ, ଇଟାଲି, ଫ୍ରାନ୍ସ, ଫିନ୍‌ଲାଣ୍ଡ, ନରୱେ ଇତ୍ୟାଦି)ରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ନାଟ୍ୟ ଉତ୍ସବରେ ମଧ୍ୟ ପରିବେଷଣ କରାଯାଇସାରିଲାଣି। ସେହିପରି ମୋ ଲିଖିତ ଓ ନିର୍ଦ୍ଦେଶିତ କେତୋଟି ଲୋକପ୍ରିୟ ନାଟକ ହେଉଛି କାଠ, ଗୀତ, ଧୂଆଁ, ମାଟି, ଫୁଲ, ନିଆଁ ଇତ୍ୟାଦି। ଅନ୍ୟପକ୍ଷେ କ୍ଷୁଦ୍ର ନାଟକ ଭିତରେ ରହିଛି ବଣମଣିଷ, ଟାଙ୍ଗିଆ ଛାପ, ସପନର ସପନ, ବିଷ ବଜାର, ଧଳା ସୁନା, ଜାଲ ଭିତରେ ଜମି ଇତ୍ୟାଦି। ଏସବୁ ବ୍ୟତୀତ ଖୋର୍ଦ୍ଧାସ୍ଥିତ ବରୁଣେଇ ପାହାଡ ପଛପଟେ ୧୯୯୧ରେ 'ନାଟ୍ୟଗ୍ରାମ' ନାମକ ଏକ ନାଟ୍ୟ ଅନୁଷ୍ଠାନ ଗଢ଼ି ଓଡ଼ିଶାର ଗ୍ରାମୀଣ ନାଟ୍ୟ କଳାକାରମାନଙ୍କଠାରୁ ଆରମ୍ଭ କରି ଦେଶ ଓ ବିଦେଶର ଛାତ୍ରଛାତ୍ରୀମାନଙ୍କୁ ନାଟ୍ୟଶିକ୍ଷା ଦେଇଆସୁଛି। ଏପରିକି ୧୯୯୩ଠାରୁ ପ୍ରତ୍ୟେକ ବର୍ଷ ବିଭିନ୍ନ ଆନ୍ତର୍ଜାତିକ ନାଟକ କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇ ଆସୁଛି। ତେବେ ଜଣେ ନାଟ୍ୟ ନିର୍ଦ୍ଦେଶକ ହିସାବରେ ରୋଜଗାର ପାଇଁ ନୁହେଁ, ବରଂ ନିଜସ୍ୱ ସ୍ୱତନ୍ତ୍ର ଶୈଳୀ ପାଇଁ ବିଭିନ୍ନ ଦେଶକୁ ଯାଇ ନାଟ୍ୟ ନିର୍ଦ୍ଦେଶନା ଦେବାର ସୁଯୋଗ ପାଉଥିବାରୁ ମୁଁ ଖୁବ୍ ଆତ୍ମସନ୍ତୋଷ ଲଭି ପାରୁଛି।

*-ଅନ୍ୱିତା*

# ଅଲଣା ପ୍ରେମରେ ନ ଥାଏ ମଜା, ମନେ ମନେ ଭାବେ ରାଇଜ ରଜା

ସାଥୀ

**ପ୍ରଶ୍ନ**-ମୁଁ ଯେତେ ଝିଅଙ୍କୁ ଭଲ ପାଉଛି ସେତେ ଅପମାନ ପାଉଛି। ମୋ ମନକୁ କିପରି ପରିବର୍ତ୍ତନ କରିବି ?

*-ସୁଶାନ୍ତ କୁମାର, ବାଲେଶ୍ୱର*

**ଉତ୍ତର:** ଏପରି ମାନସିକତାର ଯେତେ ଶୀଘ୍ର ପରିବର୍ତ୍ତନ କରନ୍ତୁ। ନ ହେଲେ ଭବିଷ୍ୟତରେ ଅନୁତାପର ନିଆଁରେ ଏମିତି ଜଳିବେ ପାଖରେ ଆହା କହିବାକୁ କେହି ନ ଥିବେ। କାରଣ ଆପଣ ଯେଉଁ ପ୍ରେମ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଅଲଣା। କଥାରେ ଅଛି-ଅଲଣା ପ୍ରେମରେ ନ ଥାଏ ମଜା, ମନେ ମନେ ଭାବେ ରାଇଜ ରଜା। ତେଣୁ ପ୍ରେମକୁ ଏମିତି ଷ୍ଟାର୍ଟ କରନ୍ତୁ ଯେମିତି ସେଥିରୁ ସଫଳତା ହିଁ ମିଳିବ। ଏପରି ସ୍ୱାଦହୀନ ପ୍ରେମ କଲେ କେବଳ ଅତୀତକୁ ଧରି ଗୁମୁରି ଗୁମୁରି କାନ୍ଦିବା ହିଁ ସାର।

**ପ୍ରଶ୍ନ**-ଜଣେ ଝିଅକୁ କେମିତି ପ୍ରପୋଜ କରିବି ଜାଣିପାରୁନି। ଲାଜ ଲାଗୁଛି।

*-କୁମାର, ରାଉରକେଲା*

**ଉତ୍ତର:** ଇସ୍, ପ୍ରେମରେ ପୁଣି ଲାଜ ! ପୁଅ ପିଲା ହୋଇ ଲାଜ କଲେ ପ୍ରେମ ରାସ୍ତାରେ ପାଦ ପକାଇ ପାରିବେ ତ ? ପ୍ରଥମେ ମନକୁ ଦୃଢ଼ କରନ୍ତୁ। ସାହସ କରି ମନର ମାନସୀକୁ ମନ କଥା କୁହନ୍ତୁ। ଏମିତି ପ୍ରପୋଜ କରନ୍ତୁ ଯେମିତି ଏକାଥରେ ବାଜି ମାରିବେ।

**ପ୍ରଶ୍ନ**-ମୋ ମନ କଥା କାହାକୁ କହିବି ? ଥରେ ଯାହାକୁ ଭରସା କରି କହିଥିଲି ସେ ଅଧା ବାଟରେ ମୋ ହାତ ଛାଡି ଚାଲିଗଲା। କ'ଣ କରିବି ଜାଣିପାରୁନାହିଁ।

*-ପ୍ରୀତମ୍ ଦାସ, ବାରିପଦା, ମୟୂରଭଞ୍ଜ*

**ଉତ୍ତର:** ବୋଧହୁଏ ଆପଣଙ୍କ ପ୍ରେମରେ ଏମିତି କିଛି ଏପଟସେପଟ ହୋଇଯାଇଛି ଯାହାଦ୍ୱାରା ଆପଣଙ୍କ ସ୍ୱପ୍ନ ଅଧୁରା ରହିଯାଇଛି। ପ୍ରେମରେ ଯେତେବେଳେ ବିଶ୍ୱାସ ରୂପକ ବନ୍ଧ ଭାଙ୍ଗିଯାଏ ସେତେବେଳେ ପ୍ରେମ ଡଙ୍ଗାଟି ଅଥଳ ଜଳରାଶିରେ ଅନାୟାସରେ ବୁଡ଼ିଯାଇଥାଏ। ତେଣୁ ପ୍ରେମରେ ଭରସା ଏବଂ ବିଶ୍ୱାସ ଯେତେ ମଜଭୁତ ହେବ ପ୍ରେମ ସେତେ ଦୃଢ଼ ହେବ। ନ ହେଲେ ତାହା ଅଦିନିଆ ବାଦଲ ପରି କୁଆଡେ ଉଭେଇ ଯିବ ତାହା କଳ୍ପନା କରିପାରିବେ ନାହିଁ।

**ପ୍ରଶ୍ନ**-କେଉଁ ଋତୁରେ ପ୍ରେମ ବେଶି ମିଠା ଲାଗିଥାଏ ?

*-ଆଦିତ୍ୟ ନାୟକ, ରେଢ଼ାଖୋଲ*

**ଉତ୍ତର:** ପ୍ରେମର ଟେଷ୍ଟ ସବୁ ଋତୁରେ ସମାନ। କେବଳ ତାହାର ସ୍ୱାଦକୁ ଠିକ୍ ଭାବରେ ଚାଖିପାରିଲେ ହେଲା। ପ୍ରେମ ଯେମିତି ରଙ୍ଗିନ ତା' ପରିବେଶ ସେମିତି ରଙ୍ଗିନ। ପ୍ରେମିକା-ପ୍ରେମିକଙ୍କ ଉପରେ ଏହାର ପରିବେଶ ନିର୍ଭର କରେ। ଯଦି ସେମାନେ ଏହାକୁ ଖେଳନା ଭାବରେ ବ୍ୟବହାର କରନ୍ତି ତେବେ ଯେତେ ଆଶା କଲେ କ'ଣ ହେବ ପ୍ରେମ ସାରା ଜୀବନ ସେମିତି ପିତା ପିତା ଲାଗୁଥିବ।

**ପ୍ରଶ୍ନ**-ମୋ ସାଙ୍ଗ ମୋ ସହ କଅଁଳ କଥା କହି ମୋ ପ୍ରେମିକାକୁ ପଟେଇ ନେଇଗଲା। ମୁଁ ଏବେ କ'ଣ କରିବି ?

*-ଏସ.କେ., କେନ୍ଦ୍ରାପଡା*

**ଉତ୍ତର:** ଗୋଟିଏ କାମ କରନ୍ତୁ। ଗେରୁଆ ବସ୍ତ୍ର ପିନ୍ଧି ପାହାଡ଼ ଉପରେ ବସି ତପସ୍ୟା କରନ୍ତୁ। ମନକୁ ଶାନ୍ତି ମିଳିବ। ସାଙ୍ଗର କଅଁଳ କଥାରେ ମତୁଆଲା ହୋଇ ଏମିତି ପାଗଳ ହୋଇଗଲେ ଯେ ପ୍ରେମର ମୀନାର କେତେବେଳେ ଭୁଶୁଡ଼ି ପଡିଲା ଜାଣିପାରିଲେ ନାହିଁ। ପ୍ରେମ ରାସ୍ତାରେ ଚାଲିଲା ବେଳେ ସବୁକଥାକୁ ଭଲ ଭାବରେ ଲକ୍ଷ୍ୟ କରିବାକୁ ପଡେ। ସାଙ୍ଗର ମନ୍ଦ ଉଦ୍ଦେଶ୍ୟକୁ ଆପଣ ପୂର୍ବରୁ ଜାଣିପାରିଲେ ନାହିଁ। ତେଣୁ ସେଭଳି ପ୍ରେମକୁ ଆଉ ମନେ ପକାଇ ଦୁଃଖ କରିବା ଅପେକ୍ଷା ସେହି ପାଥେଟିକ୍ ଚାପ୍ଟରକୁ ଯେତେଶୀଘ୍ର ଭୁଲିଯିବେ ତାହା ଆପଣଙ୍କ ପାଇଁ ଭଲ ହେବ।





# ଆରଡ଼ିରେ ଶିବ ବିବାହ

**ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ପ୍ରତିବର୍ଷ ଶିବ ବିବାହ ଅନୁଷ୍ଠିତ ହୋଇଆସୁଛି । ପବିତ୍ର ଶୀତଳ ଷଷ୍ଠୀରେ ଏଠାରେ ବୈଦିକରୀତି ଅନୁସାରେ ଦେବଦେବ ମହାଦେବ ମାତା ପାର୍ବତୀଙ୍କର ପାଣିଗ୍ରହଣ କରିଥାନ୍ତି ...**

ଶାସ୍ତ୍ରାନୁସାରେ ଦେବ, ମାନବ, ଦାନବ ସଭିଏଁ ବିବାହ ବନ୍ଧନରେ ଆବଦ୍ଧ ହୋଇଥାନ୍ତି। ଏହି ପାରମ୍ପରିକ ଧାରାକୁ ବଜାୟ ରଖିବା ପାଇଁ ଯୁଗେଯୁଗେ ଚଳି ଆସିଛି ବୈବାହିକ ପ୍ରଥା। ତେବେ ଭଦ୍ରକ ଜିଲାର ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡିରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ଶିବ ବିବାହ ହେଉଛି ଏଠାକାର ଏକ ନିଆରା ଆକର୍ଷଣ। ପବିତ୍ର ଶୀତଳଷଷ୍ଠୀରେ ଏଠାରେ ବୈଦିକରୀତି ଅନୁସାରେ ଦେବଦେବ ମହାଦେବ ମାତା ପାର୍ବତୀଙ୍କର ପାଣିଗ୍ରହଣ କରିଥାନ୍ତି। ନିୟମାନୁସାରେ ଶୀତଳଷଷ୍ଠୀ ପୂର୍ବଦିନ ବାବାମଣିଙ୍କର ମଙ୍ଗଳକୃତ୍ୟ ସମ୍ପନ୍ନ ହୋଇଥାଏ। ଏହିଦିନ ବାବାଙ୍କୁ ୭ ଜଣ ପତିବ୍ରତା ନାରୀ ହଳଦୀ ପାଣିରେ ସ୍ନାନ କରାଇ ମଙ୍ଗଳକୃତ୍ୟ କାର୍ଯ୍ୟ ସମାପନ କରିଥାନ୍ତି।

**ସୁସଜ୍ଜିତ ବିମାନରେ ଯାଏ ବରଧରା:** ବାହାଘର ଦିନ ପୂର୍ବାହ୍ନରେ କନ୍ୟାପିତା(ମାତା ପାର୍ବତୀଙ୍କ ପିତା ସାଜିଥିବା ବ୍ୟକ୍ତି)ଙ୍କ ବାସଭବନରୁ ପବନସୁତ ହନୁମାନଙ୍କୁ ବରଧରା ବେଶରେ ସଜ୍ଜିତ କରାଯାଇ ଢୋଲ, ମହୁରି, ଘଣ୍ଟ, ହୁଳୁହୁଳି ବାଦ୍ୟର ତାଳେତାଳେ ବରପିତା(ମହାଦେବଙ୍କ ପିତା ସାଜିଥିବା ବ୍ୟକ୍ତି)ଙ୍କ ଗୃହାଭିମୁଖେ ପ୍ରେରଣ କରାଯାଇଥାଏ। ସେଠାରେ ବରଧରାଙ୍କ ସମେତ ଅନ୍ୟମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥାଏ।

**ବାବା ରାଜ ରାଜେଶ୍ୱର ଓ ମାତା ରାଜ ରାଜେଶ୍ୱରୀ ବେଶରେ ସଜ୍ଜିତ:** ବିବାହ ଉତ୍ସବର ଅପରାହ୍ନରେ ବାବା ଆଖଣ୍ଡଳମଣିଙ୍କୁ ରାଜ ରାଜେଶ୍ୱର ଓ ମାତା ପାର୍ବତୀଙ୍କୁ ରାଜ ରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥାଏ। କଥିତ ଅଛି, ଯେଉଁ ବାଡୁଅ ପୁଅ କିମ୍ବା ଝିଅଙ୍କର ବାହାଘର ହୋଇପାରୁ ନ ଥାଏ, ସେମାନେ ଏହି ବେଶ ଦେଖିଲେ ସେମାଙ୍କର ବିବାହ ଅଳ୍ପଦିନ ମଧ୍ୟରେ ସମାପନ ହୋଇଥାଏ। ତେଣୁ ଏହି ବେଶ ଦେଖିବାକୁ ପୀଠରେ ନାହିଁ ନ ଥିବା ଭିଡ ହୋଇଥାଏ।

**ସନ୍ଧ୍ୟାରେ ହୁଏ ବିରାଟ ପଟୁଆରରେ ବରାନୁଗମନ:** ବିବାହ ଦିନ ସନ୍ଧ୍ୟାରେ ଏକ ବିରାଟ ପଟୁଆରରେ ବାବାଙ୍କର ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନରେ କନ୍ୟାପିତାଙ୍କ ଗୃହକୁ ନିଆଯାଇଥାଏ। ଲୌକିକ ପରମ୍ପରା ଓ ରୀତି ଅନୁସାରେ ବାଣରୋଶଣି, ଆତସ ବାଜିରେ ଶୈବପୀଠ ଆରଡି ଝଲସି ଉଠେ। ଏହି ଶୋଭାଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀର ସାହିମେଢ ନୃତ୍ୟ, ବାଘ ନୃତ୍ୟ, ମୋଟୁ ପତଲୁ ନୃତ୍ୟ, ପାଇକ ଆଖଡା, ଗୋଟିପୁଅ ନୃତ୍ୟ, କଙ୍କାଳ ନୃତ୍ୟ, ମୟୂରବୃକ, ହୁଳୁହୁଳି, ଯୋଡିଶଙ୍ଖ, ଘଣ୍ଟ, ଝୁମର, ଡ୍ରମ ଆଦି ବାଦ୍ୟ ପରିବେଷିତ ହୋଇଥାଏ। ସେହିପରି ଏହି ସମୟରେ ମହିଳା ଓ ପୁରୁଷଙ୍କ ଦ୍ୱାରା ପରିବେଷଣ କରାଯାଉଥିବା କୀର୍ତ୍ତନ ମଧ୍ୟ ଅନ୍ୟତମ ଆକର୍ଷଣ ସାଜିଥାଏ।

**ଦେବ, ଦାନବ, କିନ୍ନର ସାଜନ୍ତି ବରଯାତ୍ରୀ:** ବରାନୁଗମନ ଶୋଭାଯାତ୍ରାରେ ସେବାୟତମାନେ ବେଦପତି ବ୍ରହ୍ମା, ପ୍ରଭୁ ନାରାୟଣ, ଦେବରାଜ ଇନ୍ଦ୍ର, ବରୁଣ ଦେବ, ଜନ୍ତୁପତି ଯମ, କୁବେର, ମହାଗ୍ରହ ଶନି, ସୂର୍ଯ୍ୟଦେବ, ଚନ୍ଦ୍ର, ଦେବର୍ଷି ନାରଦ, ନନ୍ଦୀ, ଭୃଙ୍ଗୀ ଆଦି ଦେବତା, ଦାନବ ତଥା କିନ୍ନର ବେଶରେ ନିଜକୁ ସଜ୍ଜିତ କରି ବରଯାତ୍ରୀରୂପେ ଉଭା ହୋଇଥାନ୍ତି। ତେବେ ଶୋଭାଯାତ୍ରାରେ ହନୁମାନ ବେଶଧାରୀ ସେବାୟତଙ୍କ ଅଭିନୟ ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥାଏ।

**ଅର୍ଦ୍ଧରାତ୍ରରେ ବିବାହ ସମ୍ପନ୍ନ:** ବିବାହ ମହୋତ୍ସବ ଦେଖିବାକୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କର ପ୍ରତୀକ୍ଷାର ଅନ୍ତ ଘଟିଥାଏ ଅର୍ଦ୍ଧରାତ୍ରରେ। ଫୁଲ ବେଦୀରେ ସ୍ୱୟଂ ଶିବଶମ୍ଭୁ ଜଗଜ୍ଜନନୀ ମାତା ପାର୍ବତୀଙ୍କ ହାତଧରନ୍ତି। ପୁରୋହିତଙ୍କ ବିବାହ ମନ୍ତ୍ର ପଠନରେ ସାରା ଆରଡି ପ୍ରକମ୍ପିତ ହୋଇଉଠେ। ହରିବୋଲ, ହୁଳହୁଳି, ଶଙ୍ଖଧ୍ୱନିରେ ଶ୍ରଦ୍ଧାଳୁମାନେ ଭକ୍ତି ଗଦଗଦ ଚିତ୍ତରେ ଦେବଦମ୍ପତିଙ୍କ ବିବାହକୁ ଦର୍ଶନ କରିଥାଆନ୍ତି। ପରେ ପରେ ବରପିତା ଓ କନ୍ୟାପିତା ଲୋକାଚାରରେ ସମୁଦି ମିଳନ କରି ପରସ୍ପର କୋଳାଗ୍ରତ ହୁଅନ୍ତି। ଯୌତୁକ ବାବଦରେ କନ୍ୟାପିତା ୨ ଏକର ଶ୍ମଶାନ ଜମି, ୧୦ ହଳ ନାଗ, ୨୫ ଗୋଟି ବୃଷଭ, ଅନ୍ୟାନ୍ୟ ସ୍ୱର୍ଣ୍ଣ, ରୌପ୍ୟ ଅଳଙ୍କାର ପ୍ରଦାନ କରିଥାନ୍ତି। ଶିବବିବାହ ମହୋତ୍ସବକୁ ଲୋକାଭିମୁଖୀ ତଥା ସଫଳ କରିବା ପାଇଁ ମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ, ସେବାୟତମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ।

**ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ପ୍ରୟାସ:** ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ଧୂଷୁରୀ ଓ ଆରଡି ପୋଲିସ ଦିନରାତି ଲାଗି ପଡନ୍ତି। ସେହିପରି ଧାମନଗର ଏସଡିପିଓ, ଧୂଷୁରୀ ଥାନାଧିକାରୀ, ଆରଡି ଫାଣ୍ଡି ଅଧିକାରୀ, ଜିଲାର ସମସ୍ତ ଥାନାର ଥାନାଧିକାରୀଙ୍କ ସମେତ ସାଢେ ତିନି ପ୍ଲାଟୁନ୍ ପୋଲିସ ଫୋର୍ସଙ୍କୁ ଏଠାରେ ମୁତୟନ କରାଯାଇଥାଏ। ତା'ଛଡ଼ା ଭଦ୍ରକ ଜିଲାପାଳ, ଉପଜିଲାପାଳଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ପଦାଧିକାରୀମାନେ ମଧ୍ୟ ଏହି ଦିନ ପୀଠରେ ଉପସ୍ଥିତ ରହିଥାନ୍ତି।

**ପୀଠରେ ସେବା କାର୍ଯ୍ୟ:** ପୀଠକୁ ସଫାସୁତରା ରଖିବାକୁ ମନ୍ଦିର କର୍ମଚାରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ କାର୍ଯ୍ୟ କରିଥାନ୍ତି। ସେହିପରି ଆରଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସମେତ କର୍ମଚାରୀଗଣ, ଜିଲାର ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀମାନେ ଏଠାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଇଥାନ୍ତି। ପୀଠରେ ଓଡ୍ରାଫ ଟିମ୍, ଦମକଳ ବାହିନୀ, ଆମ୍ବୁଲାନ୍ସ ଗାଡି ବି ସେବା ପାଇଁ ସଜାଗ ରହିଥାନ୍ତି। ତା'ଛଡ଼ା ଏହି ଦିନ ପୀଠରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସେବାୟତ ଓ କେତେକ ବଦାନ୍ୟ ବ୍ୟକ୍ତି ମାଗଣାରେ ଖାଦ୍ୟ, ଥଣ୍ଡା ପାଣି ସହ ବିଭିନ୍ନ ଜୁସ୍ ଓ ମୃଦୁ ପାନୀୟ ମଧ୍ୟ ବଣ୍ଟନ କରିଥାନ୍ତି।

*–ଦୀପ୍ତିରଞ୍ଜନ ନାୟକ*











ଡିମ୍ପଲ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ମିଟୁ ଫ୍ୟାଶନ ଫଟୋଗ୍ରାଫି

# ହାଃ ହାଃ

## ଧରିପାରୁନ

ସାର୍ ପପୁକୁ- ଏମିତି ଗୋଟେ ଜିନିଷର ନାଁ କୁହ ଯାହାକୁ ତୁମେ ଦେଖିପାରୁଛ ହେଲେ ଧରିପାରୁନ।

ପପୁ- ସାର୍, ଆପଣଙ୍କ କାନ।

## କଟା ଘା

ସ୍ୱାମୀ ସ୍ତ୍ରୀକୁ- ତୁମ ବାପାଙ୍କର କଟାଘା'ରେ ଚୂନ ମାରିବା ଗୁଣ ଆଜିଯାଏ ଗଲାନି।

ସ୍ତ୍ରୀ- ଏମିତି କ'ଣ କହୁଛ ? ମୋ ବାପା ଏମିତି କ'ଣ କଲେକି ?

ସ୍ୱାମୀ- ଆଜି ସେ ପୁଣି ମତେ ପଚାରୁଥିଲେ, ମୋ ଝିଅକୁ ବାହା ହୋଇ ଖୁସିରେ ଅଛ ତ ?

## ବଦଳାଇ ଦେଇଥାନ୍ତି

ମଦୁଆ ତା' ସ୍ତ୍ରୀକୁ- ଯଦି ସରକାର ମୋ ହାତରେ ଥାଆନ୍ତା ତା'ହେଲେ ମୁଁ ଦେଶର ଭାଗ୍ୟ ବଦଳେଇ ଦେଇ ଥାଆନ୍ତି।

ସ୍ତ୍ରୀ-ଭାରି ଦେଶ ବଦଳେଇବା ବାଲା। ପ୍ରଥମେ ନିଜ ଲୁଙ୍ଗି ବଦଳା। ସକାଳୁ ମୋ ସାୟା ପିନ୍ଧି ବୁଲୁଛୁ।



# ପବିତ୍ର ତୀର୍ଥସ୍ଥଳୀ
# ମେଲୁକୋଟ









**କର୍ନାଟକସ୍ଥିତ ଏକ ପବିତ୍ର ତୀର୍ଥସ୍ଥଳୀ ଭାବେ ମେଲୁକୋଟର ବେଶ୍ ନାଁ ରହିଛି। ଏକାଧିକ ମନ୍ଦିର ଓ ଆଶ୍ରମ ସହିତ ଦେଖିବା ପାଇଁ ଏଠାରେ ରହିଛି ଅନେକ ପୁଷ୍କରିଣୀ, ଅଭୟାରଣ୍ୟ ତଥା ଅନ୍ୟାନ୍ୟ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ...**

କର୍ନାଟକର ମାଣ୍ଡ୍ୟା ଜିଲା ଅନ୍ତର୍ଗତ ମେଲୁକୋଟ ହେଉଛି ଏକ ପବିତ୍ର ତୀର୍ଥସ୍ଥଳୀ। ଏହାକୁ କେହି କେହି ମେଲୁକୋଟେ କିମ୍ବା ମେଲକୋଟ ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ମନ୍ଦିର, ଆଶ୍ରମ, ପୁଷ୍କରିଣୀ, ବନ୍ୟପ୍ରାଣୀ ଅଭୟାରଣ୍ୟ ତଥା ଅନ୍ୟାନ୍ୟ କେତେକ ଆକର୍ଷଣୀୟ ଦର୍ଶନୀୟ ସ୍ଥାନ। ଖାସ୍ ସେଇଥିପାଇଁ ଏଠାକୁ ବର୍ଷର ବିଭିନ୍ନ ସମୟରେ ପର୍ଯ୍ୟଟକଙ୍କର ସୁଅ ଛୁଟିଥାଏ।

## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ବୁଲିବାକୁ ଯାଇହେବ। କିନ୍ତୁ ବର୍ଷାଦିନେ ବୁଲାବୁଲି କରିବାରେ ସମସ୍ୟା ଉପୁଜୁଥିବାରୁ ପ୍ରାୟତଃ ଖରାଦିନେ ଓ ଶୀତଦିନେ ପର୍ଯ୍ୟଟକ ଏଠାକୁ ବୁଲି ଯାଇଥାନ୍ତି। ସେହିପରି ମହୀଶୂରଠାରୁ ପ୍ରାୟ ୫୧ କି.ମି ଏବଂ ବେଙ୍ଗାଲୁରୁଠାରୁ ପ୍ରାୟ ୧୩୩ କି.ମି ଦୂରରେ ଥିବା ମେଲୁକୋଟକୁ ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି। ମହୀଶୂରରୁ ପ୍ରତ୍ୟେକ ଦିନ କେତୋଟି ସରକାରୀ ଓ ବେସରକାରୀ ବସ୍ ମେଲୁକୋଟକୁ ଯା'ଆସ କରିଥାଏ। ତା'ଛଡ଼ା ପାଣ୍ଡବପୁରା ଏଠାକାର ନିକଟତମ ରେଳଷ୍ଟେଶନ ହୋଇଥିବାବେଳେ ବେଙ୍ଗାଲୁରୁ ଇଣ୍ଟରନ୍ୟାଶନାଲ ଏୟାର୍‌ପୋର୍ଟ ହେଉଛି ଏଠାକାର ନିକଟବର୍ତ୍ତୀ ବିମାନବନ୍ଦର, ଯାହା ମେଲୁକୋଟଠାରୁ ପ୍ରାୟ ୧୩୩ କି.ମି ଦୂରରେ ଅବସ୍ଥିତ।

## କ'ଣ ଦେଖିବେ

**ଚେଲୁଭାନାରାୟଣ ସ୍ୱାମୀ ମନ୍ଦିର:** ମେଲୁକୋଟସ୍ଥିତ ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ଭାବେ ଏହି ମନ୍ଦିରର ବେଶ୍ ନାଁ ରହିଛି। ଚେଲୁଭାନାରାୟଣ ସ୍ୱାମୀଙ୍କୁ ଉତ୍ସର୍ଗୀକୃତ ଏହି ମନ୍ଦିରର କାରୁକାର୍ଯ୍ୟ ଏତେ ଆକର୍ଷଣୀୟ ଯେ, ଦେଶବିଦେଶରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ତେବେ ଚେଲୁଭାନାରାୟଣ ସ୍ୱାମୀଙ୍କୁ କେହି କେହି ଥିରୁନାରାୟଣ ବୋଲି ମଧ୍ୟ ସମ୍ବୋଧନ କରିଥାନ୍ତି।


**ଯୋଗ-ନରସିମ୍ହା ସ୍ୱାମୀ ମନ୍ଦିର:** ଯୋଗ ନରସିମ୍ହା ଠାକୁରଙ୍କୁ ଉତ୍ସର୍ଗୀକୃତ ଏହି ମନ୍ଦିର ମଧ୍ୟ ହେଉଛି ମେଲୁକୋଟସ୍ଥିତ ଅନ୍ୟତମ ଆକର୍ଷଣୀୟ ଧାର୍ମିକସ୍ଥଳ। କେବଳ ଏତିକି ନୁହେଁ ପର୍ଯ୍ୟଟକ ଚାହିଁଲେ ମେଲୁକୋଟଠାରୁ କିଛି ଦୂରରେ ଅବସ୍ଥିତ ଥୋଣ୍ଡାନୁର୍ ନାମକ ଏକ ସ୍ଥାନକୁ ଯାଇ ସେଠାରେ ଥିବା ନାମ୍ବି ନାରାୟଣ, ପାର୍ଥସାରଥି, ରାମାନୁଜ ଇତ୍ୟାଦି ମନ୍ଦିର ମଧ୍ୟ ଦର୍ଶନ କରିପାରିବେ।

**ପୁଷ୍କରିଣୀ:** କଲ୍ୟାଣୀ ନାମକ ଏଠାରେ ଏକ ବଡ଼ ପୁଷ୍କରିଣୀ ମଧ୍ୟ ଦେଖିବାକୁ ମିଳିଥାଏ। ଏହି ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଖୁବ୍ ସୁନ୍ଦର ପାହାଚମାନ କରାଯାଇଛି, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ ଲାଗିଥାଏ। କଲ୍ୟାଣୀ ବ୍ୟତୀତ ମେଲୁକୋଟରେ ଆହୁରି ଅନେକ ଛୋଟବଡ଼ ପୁଷ୍କରିଣୀ ମଧ୍ୟ ରହିଛି।

**ମେଲକୋଟ ଟେମ୍ପଲ ୱାଇଲ୍ଡ ଲାଇଫ୍ ସାଙ୍କଚୁୟାରୀ:** ଏହା ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଅଭୟାରଣ୍ୟ, ଯାହାକୁ ୧୯୭୪ ମସିହାରେ ନିର୍ମାଣ କରାଯାଇଥିଲା। ଖାସ୍ କରି ଗଧିଆମାନେ ଏଠାରେ ଅଧିକ ଦେଖାଯାଇଥାନ୍ତି। ତା'ଛଡ଼ା ଜଙ୍ଗଲୀ ବିଲେଇ, ଚିତାବାଘ, ବଜ୍ରକାପ୍ତା, ଲୋମଶ ମାଙ୍କଡ଼ ଇତ୍ୟାଦି ବି ଏଠାରେ ଅଛନ୍ତି। ସେହିପରି ୨୦୦ ପ୍ରଜାତିର ପକ୍ଷୀ ମଧ୍ୟ ଏଠାରେ ଦେଖିବାକୁ ମିଳନ୍ତି।









# ଚାରିଗୋଡ଼ିଆ ଦୌଡ଼

ଉଷେନ୍ ବୋଲ୍ଟ ପୃଥିବୀର ସବୁଠାରୁ ଦ୍ରୁତଗାମୀ ବ୍ୟକ୍ତି । କିନ୍ତୁ ଜାପାନର କେନିଚି ଇତୋଙ୍କୁ ଏବେ ଚାରିଗୋଡରେ ଦୌଡୁଥିବା ସବୁଠାରୁ ଦ୍ରୁତତମ ବ୍ୟକ୍ତି ଭାବେ ଗଣନା କରାଯାଉଛି। ସେ ୧୦୦ ମିଟର ଚାରିଗୋଡିଆ ଦୌଡ ଅର୍ଥାତ୍ ଦୁଇ ଗୋଡ ଓ ହାତ ମିଶାଇ ପ୍ରାଣୀଙ୍କ ଭଳି ଦୌଡି ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି। ଏହି ଦୂରତାକୁ ସେ ୧୬.୮୭ ସେକେଣ୍ଡରେ ଅତିକ୍ରମ କରିଛନ୍ତି। ଟୋକିଓରେ ହୋଇଥିବା ପ୍ରତିଯୋଗିତାରେ ସେ ନିଜର ପୂର୍ବ ରେକର୍ଡକୁ ଭାଙ୍ଗି ଏହି ରେକର୍ଡ କରିଛନ୍ତି। ଆଫ୍ରିକୀୟ ପତାସ ମାଙ୍କଡର ଦୌଡିବା ଶୈଳୀକୁ ଅନୁକରଣ କରି ଇତୋ ନିଜର ଏହି ଭିନ୍ନ ଶୈଳୀର ଦୌଡିବାର ବିକାଶ କରିଛନ୍ତି। ଏଥିରେ ପାରଙ୍ଗମ ହେବାକୁ ତାଙ୍କୁ ୯ ବର୍ଷ ଲାଗିଯାଇଥିଲା।

## କାର୍ଟୁନ କର୍ନର



# ଗାୟିକା ଅଭିନେତ୍ରୀ ଚିନୁ

ପିଲାଟିବେଳୁ ଗୀତ ଗାଉଥିଲେ ଚିନୁ ଓରଫ୍ ହେନାରାଣୀ ଦାସ। କଟକ ଜଲା ବହୁଗ୍ରାମର ବିନୋଦ ଦାସ ଓ ଅବନୀ ଦାସଙ୍କ ଏହି ଝିଅ ଯେ ଦିନେ ଯାତ୍ରା ଜଗତର ଜଣେ ଗାୟିକା ହୋଇ ସୁନାମ ଅର୍ଜନ କରିବେ, ସେକଥା କେହି କେବେ ଭାବି ନ ଥିଲେ। ଯାତ୍ରାର ସୁଯୋଗ ବି ତାଙ୍କ ନିକଟକୁ ଆସିଥିଲା ଭାରି ଆକସ୍ମିକ ଭାବରେ। ବାପା ବିନୋଦ ଥିଲେ ଜଣେ ସଂଗୀତ ମାଷ୍ଟର। ପାଞ୍ଚବର୍ଷ ବୟସରୁ ବାପାଙ୍କ ପାଖରେ ବସି ହାରମୋନିଅମ୍‌ରେ ଗୀତ ଗାଉଥିଲେ ଚିନୁ। ବଡ଼ ହେବା ପରେ ବିଭିନ୍ନ ଭଜନ ସମାରୋହ ତଥା ମେଲୋଡି ପ୍ରୋଗ୍ରାମରେ ଗୀତ ଗାଉଥିଲେ। ସେହି ଦୃଷ୍ଟିରୁ ତାଙ୍କର ଯାତ୍ରା ସଂଗୀତ ନିର୍ଦ୍ଦେଶକ ଶାନ୍ତନୁ ମଲ୍ଲିକଙ୍କ ସହିତ ପରିଚିତ ଥିଲା। ଦିନକର ଘଟଣା। ମାହାଙ୍ଗାରେ 'ମା' ମଙ୍ଗଳା ଗଣନାଟ୍ୟ' ଯାତ୍ରା କରୁଥାଏ। ସେଠାରେ ମନୋଜ ପଣ୍ଡାଙ୍କର ଗୋଟିଏ ନାଟକ ମଧ୍ୟ ହେଉଥାଏ। ହେଲେ ସେଦିନ ପାର୍ଟିର ମୁଖ୍ୟ ଗାୟିକା ଅସୁସ୍ଥ ହୋଇପଡ଼ିଲେ। କ'ଣ କରାଯିବ କେହି କିଛି ବୁଝିପାରିଲେ ନାହିଁ। କୋଉଠୁ ଜଣେ ଗାୟିକା ଯୋଗାଡ଼ କରାଯିବ, ଯିଏ ଆସି ମେଲୋଡି ଗାଇବା ସହିତ ନାଟକର ଗୀତ ଉଠେଇ ଗାଇପାରିବ। ଶାନ୍ତନୁ ବାବୁଙ୍କର ମନେପଡ଼ିଲା ଚିନୁ ଓରଫ ହେନାଙ୍କ କଥା। ସେ ତୁରନ୍ତ ଆସି ପହଞ୍ଚିଲେ ତାଙ୍କ ଘରେ। ଚିନୁ ବି ମନା କରିପାରିଲେ ନାହିଁ। କାରଣ, ପିଲାଟିବେଳୁ ସେ ସଂଗୀତକୁ ଭଲ ପାଇ ବସିଥିଲେ। ପୁଣି ଗୋଟେ ଅନୁଷ୍ଠାନ ବିପଦରେ ପଡ଼ିଛି ଯେତେବେଳେ ସେ କେମିତି ମନା କରିପାରିବେ। ଈଶ୍ୱରଙ୍କୁ ଡାକି ଚିନୁ ଗଲେ। ଅଳ୍ପକିଛି ରିହରସାଲ ମଧ୍ୟରେ ସେ ଗୀତ ସବୁକୁ ଉଠେଇନେଲେ। ଆଉ ରାତିରେ ଖୁବ୍ ଆତ୍ମବିଶ୍ୱାସର ସହିତ ଗୀତ ଗାଇଲେ। କେହି ବିଶ୍ୱାସ କରିପାରି ନ ଥିଲେ ଯେ, ଜଣେ ନୂଆ ଗାୟିକା ଆସି ଏମିତି ଭାବରେ ନାଟକକୁ ଉଠେଇ ନବ। ନାଟ୍ୟକାର ମନୋଜ ପଣ୍ଡା ଖୁବ୍ ଖୁସି ହୋଇଗଲେ। ତାଙ୍କର ସଙ୍ଗୀତ ପ୍ରତି ଭଲପାଇବା ଆଉ କଳା ପ୍ରତି ସମର୍ପଣ ଭାବକୁ ଦେଖି କହିଲେ, ତୁମେ ମେଲୋଡ଼ିରେ ନ ଗାଇ ଯାତ୍ରାରେ ଗାଅ। ବହୁତ ଲୋକ ତୁମକୁ ଶୁଣିବେ। ଆଉ ଭଲ ରୋଜଗାର ବି କରିପାରିବ। ମନୋଜ ପଣ୍ଡା ହିଁ ଚିନୁଙ୍କୁ ନେଇ ଆସିଲେ 'ଗୌରୀ ଗଣନାଟ୍ୟ'କୁ। ପ୍ରଥମବର୍ଷ ସେ ଏକ ଲକ୍ଷ କୋଡ଼ିଏ ହଜାର ଟଙ୍କାରେ ଚୁକ୍ତିବଦ୍ଧ ହେଲେ ଗାଇବା ପାଇଁ। ବାସ୍, ଯାତ୍ରାରେ ପ୍ରବେଶ ହୋଇଗଲା ଚିନୁଙ୍କର। ଇତିମଧ୍ୟରେ ସେ 'ଗୌରୀ', 'ତୁଳସୀ', 'ସ୍ୱର୍ଣ୍ଣମହଲ' ଆଦି ପାର୍ଟିରେ କାମ କରି ସମ୍ପ୍ରତି ସେ 'ଇନ୍ଦ୍ରଭୁବନ'ରେ ଜଣେ ଗାୟିକା ଭାବରେ କାର୍ଯ୍ୟ କରୁଛନ୍ତି। ସେ ଗାଇଥିବା କେତୋଟି ଲୋକପ୍ରିୟ ଗୀତ ହେଉଛି ସଞ୍ଜରୁ ସକାଳ ସକାଳରୁ ସଞ୍ଜ (ମାଳିସାହି ମୀରା କାହାରି ନୁହଁ), ଶହେ ଶହେରେ ଖେଳ (ଟାଇଟଲ ଗୀତ), ବନ୍ଧନ ବନ୍ଧନ ଏ ସ୍ନେହର ବନ୍ଧନ (ଭାଇଭଉଣୀର ନୂଆ କାହାଣୀ), ଏ ରାତିର ମୁଁ ନାୟିକା ସାଜିଛି ଅଭିସାରିକା (ସୁନାହରିଣୀ), ତୋ ନାଁ ଲେଖିଦେଲି ମୋ ନାଁ ପାଖରେ (ଶାର୍ଟ ହଜିଛି ସନା ଦାସର)। ଚିନୁ କେବଳ ଜଣେ ଗାୟିକା ନୁହନ୍ତି; ସେ ଖୁବ୍ ଭଲ ଅଭିନୟ କରିପାରନ୍ତି ମଧ୍ୟ। ସବୁପ୍ରକାର ଅଭିନୟ କରିବାର ଦକ୍ଷତା ରଖିଥିଲେ ମଧ୍ୟ ତାଙ୍କର ପସନ୍ଦ ନେଗେଟିଭ୍ ରୋଲ୍। ସେ ଅଭିନୟ କରିଥିବା ନାଟକ ମଧ୍ୟରେ ରହିଛି 'ବାଜେ ଝିଅର ଲଭ୍‌ଷ୍ଟୋରି', 'ପ୍ରେମରେ ଲାଗିଛି ନିଆଁ', 'କଂଗ୍ରେସ କନିଆ ବିଜେଡି ବର', 'ମିଛୁଆ ସ୍ୱାମୀ'। ଗୀତ ହେଉଛି ତାଙ୍କର ପ୍ରଥମ ପସନ୍ଦ। ସେ ସଙ୍ଗୀତକୁ ନିଜ ପ୍ରେମିକ ଆଉ ସ୍ୱାମୀ ବୋଲି ମନେ କରିଥାନ୍ତି। ହେଲେ ବି ଅଭିନୟ ପ୍ରେମରୁ ମୁକୁଳି ପାରିନାହାନ୍ତି। ତାଙ୍କର ସ୍ୱପ୍ନ ଯାତ୍ରାର ମାଲିକମାନେ ତାଙ୍କ ଦକ୍ଷତାକୁ ବୁଝିବେ। ଆଉ ତାଙ୍କୁ ଅଭିନୟ କରିବାର ବି ସୁଯୋଗ ଦେବେ।



# ବ୍ୟାଡ୍ ବୟ ଶୁଭ



'ମୁଁ ଶୁଭଙ୍କର ସାମନ୍ତରାଏ! ମୋ ସହ ବନ୍ଧୁତା କଲେ ମୁଁ ଶୁଭଫଳ ଦିଏ। ଆଉ ବେଇମାନି କଲେ ଅଶୁଭ ଗ୍ରହ ସାଜି ବରବାଦ କରିଦିଏ। ବରବାଦ!' ଚଳିତ ଯାତ୍ରା ଋତୁରେ ଲୋକପ୍ରିୟ ଯାତ୍ରାନୁଷ୍ଠାନ 'ପାର୍ବତୀ ଗଣନାଟ୍ୟ'ର କ୍ୟାମ୍ପରେ ଶୁଭୁଛି ଏଭଳି ସଂଳାପ। ନାଟକଟି ହେଉଛି ଦୀପକ ଜେନାଙ୍କ ରଚିତ ତଥା ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ବାହା ହଉଥିଲୁ କାହିଁକି'। ଉପରୋକ୍ତ ଅଭିନୟରେ ଦର୍ଶକଙ୍କ ମନରେ ଭୟ ସୃଷ୍ଟି କରୁଥିବା ଅଭିନେତା ହେଉଛନ୍ତି ଯାତ୍ରା ଜଗତର ଜଣେ ଜଣାଶୁଣା ଖଳ ଅଭିନେତା ଶୁଭ ଖୁଣ୍ଟିଆ। ଜଗତ୍‌ସିଂହପୁର ମଣିଜଙ୍ଗା ଗ୍ରାମର ଏହି କଳାକାର ଜଣକ ୨୦୧୦ରେ ଯୋଗଦିଅନ୍ତି 'ଯାତ୍ରା ତ୍ରିରଙ୍ଗା'ରେ। ଆଗରୁ ତ ଡ୍ରାମା, ଯାତ୍ରା ପ୍ରତି ରୁଚି ଥିଲା। ଗାଁରେ ଯାତ୍ରା କରୁଥିଲେ। ତେବେ 'ଯାତ୍ରା ତ୍ରିରଙ୍ଗା'ରୁ ହିଁ ଆରମ୍ଭ ହେଲା ତାଙ୍କର ପେସାଦାର କଳାକାର ଜୀବନ। ପ୍ରଥମ ନାଟକ 'ରାତିର ରାଣୀ'। ଏଥିରେ ସେ ଜଣେ ଖଳ ପୋଲିସ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଇତିମଧ୍ୟରେ ସେ ବହୁ ପ୍ରତିଷ୍ଠିତ ଯାତ୍ରାନୁଷ୍ଠାନରେ ଯୋଗଦେଇ ଅଭିନୟ କରିଛନ୍ତି ଏବଂ ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି। ଯାତ୍ରା ତ୍ରିରଙ୍ଗାରୁ ଆରମ୍ଭ କରି 'ଶିବାନୀ', 'ପାର୍ବତୀ' ଓ 'ଗୌରୀ' ଆଦି ଅନୁଷ୍ଠାନରେ ଅଭିନୟ କରି ସେ ଏବେ ଆସି ପୁଣି ପହଞ୍ଚିଛନ୍ତି 'ପାର୍ବତୀ'ରେ। ସେ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରେ ରହିଛି 'ରଙ୍ଗବତୀ ରୁଷିଛି', 'ସୁନାଝିଅ ଶିବାନୀ', 'ଭୁଲ୍ ବୁଝିବନି ରହିଲା ରାଣ', 'ହ୍ୟାଲୋ ମାଡାମ୍', 'ସ୍ୱାମୀର ସିନ୍ଦୂର ସତ ଲାଗୁନି', 'ସବୁ ଉପରବାଲାର ଖେଳ', 'ବାହା ହଉଥିଲୁ କାହିଁକି', 'ମୁଖା ମଣିଷ', 'ମୋତେ ବିଚାର ଦିଅ', 'ଅଲିଅଳି ଅଞ୍ଜଳି'। ତାଙ୍କ ମନ ପସନ୍ଦର ନାଟକ ହେଉଛି 'ସ୍ୱାମୀର ସିନ୍ଦୂର ସତ ଲାଗୁନି'। ଏଥିରେ ସେ ଅଭିନୟ କରିଥିବା ବବି ବାଉନ୍‌ସର ଭୂମିକାଟିକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ ଆଉ ତାଙ୍କୁ ଢେର୍ ବାହାବାଃ ମିଳିଥିଲା। ବାପା ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଥିଲେ ଜଣେ ସୌଖୀନ କଳାକାର। ତେଣୁ ଉତ୍ତରାଧିକାର ସୂତ୍ରରେ ତାଙ୍କୁ ଅଭିନୟ ମିଳିଥିଲା ବୋଲି କହନ୍ତି ଏହି ଅଭିନେତା। ଏଥିସହିତ ମା' ସୁଖଲତା ଖୁଣ୍ଟିଆ ଓ ପତ୍ନୀ ବୈଶାଳୀ ଖୁଣ୍ଟିଆଙ୍କ ପ୍ରେରଣା ତାଙ୍କୁ ଆଗକୁ ଆଗେଇ ନଉଛି ବୋଲି ସେ ସ୍ୱୀକାର କରନ୍ତି। ଦର୍ଶକମାନେ ଯାତ୍ରାକୁ ଭଲପାଆନ୍ତୁ। କଳାକାରଙ୍କୁ ଭଲପାଆନ୍ତୁ। ଫଳରେ ଆମେ ସେମାନଙ୍କୁ ନୂଆ ଢଙ୍ଗରେ ମନୋରଞ୍ଜନ କରିପାରିବୁ ବୋଲି କହନ୍ତି ଏହି ଅଭିନେତା।

# ବିଚିତ୍ର ବାହାଘର ଭୋଜି

ସାଧାରଣତଃ ବାହାଘର ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ପ୍ରତ୍ୟେକ ଭାବିଥାନ୍ତି ଯେ, ନାନା ରକମର ସ୍ୱାଦିଷ୍ଟ ଖାଦ୍ୟ ତଥା ପାନୀୟର ବ୍ୟବସ୍ଥା ହୋଇଥିବ। ତେଣୁ ଭଲକରି ଗଣ୍ଡେ ଭୁରିଭୋଜନ ମିଳିବ। ହେଲେ ଯଦି ବାସ୍ତବରେ ସେମିତି ହୋଇ ନଥାଏ, ତା'ହେଲେ କେମିତି ଲାଗିବ ଆପଣଙ୍କୁ? ଏଠାରେ ସେମିତି ଗୋଟେ ବିଚିତ୍ର ଘଟଣାର ଅବତାରଣା କରାଯାଉଛି। ଘଟଣାଟି ଆମେରିକାର। ଗୋଟିଏ ବାହାଘର ଭୋଜିକୁ ନିମନ୍ତ୍ରିତ ହୋଇ ଯାଇଥିବା ଅତିଥିମାନେ ଦେଖିବାକୁ ପାଇଥିଲେ ଯେ, ସେଠାରେ କେବଳ ପ୍ରସ୍ତୁତ ହୋଇଛି ଗାଜର, ଖଣ୍ଡ ଖଣ୍ଡ କଟାଯାଇଥିବା କମଳା, ଅମୃତଭଣ୍ଡା ଇତ୍ୟାଦି। ତେବେ ସବୁଠୁ ବିସ୍ମୟକର ଥିଲା ପନିର ରଖାଯାଇଥିବା ସ୍ଥାନଟି। ସେଠାରେ ସତସତିକା ପନିର ବଦଳରେ



ଥୁଆ ହୋଇଥିଲା ପ୍ଲାଷ୍ଟିକ୍‌ରେ ତିଆରି ପନିର। ଅବଶ୍ୟ ସେସବୁ ସତସତିକା ପନିର ଭଳି ଦେଖାଯାଉଥିଲା। ଏ ସବୁ ଦେଖିବା ପରେ ନିମନ୍ତ୍ରିତ ଅତିଥିମାନଙ୍କର ହୋସ୍ ଉଡ଼ିଯାଇଥିଲା। ତେବେ କେତେକେ ଅତି ଗୋପନୀୟତାର ସହିତ ମୋବାଇଲ୍‌ରେ ସେସବୁ ଭୋଜି ଆଇଟମ୍‌ର ଫଟୋ ଓ ଭିଡିଓ କରିଆଣିଥିଲେ ଏବଂ ତାହାକୁ ସୋସିଆଲ୍ ମିଡିଆରେ ଛାଡ଼ିଦେଇଥିଲେ। ତା'ପରେ ଯାଇ ଆରମ୍ଭ ହୋଇଥିଲା ଚର୍ଚ୍ଚା। ସୋସିଆଲ୍ ମିଡିଆରେ ଫଟୋ ପୋଷ୍ଟ କରିଥିବା ଜଣେ ନିମନ୍ତ୍ରିତ ଅତିଥି ଫଟୋର ଶିରୋନାମା ରଖିଥିଲେ: ସ୍ୱାଦିଷ୍ଟ ଭୋଜି, କେବଳ ଆଖିରେ ଦେଖିବା ପାଇଁ!






ବ୍ୟାକ୍ ପେଜ୍





# ଅଜବ ସ୍ଥାପତ୍ୟର ପାର୍କ

ନ୍ୟୁୟର୍କ, ସାଉଥ୍ ଡକୋଟାରେ ଅଛି ଏକ ଅଜବ ପାର୍କ। ଅନେକ ସ୍ଥାପତ୍ୟ ଭରି ରହିଛି ଏହି ପାର୍କରେ। ଆଉ ସମସ୍ତ ସ୍ଥାପତ୍ୟ ଭିନ୍ନ ଓ ବେଶ୍ ବିଚିତ୍ର। କାରଣ ଏସବୁ ତିଆରି ହୋଇଛି ସ୍କ୍ରାପ୍ ମେଟାଲ୍, ପୁରୁଣା ଚାଷ ଉପକରଣ ଓ ରେଲ୍‌ରୋଡ ଟାଇପ୍ଲେଟ୍‌ରେ। ଅଧିକାଂଶ ସ୍ଥାପତ୍ୟ ଇଣ୍ଡଷ୍ଟ୍ରିଆଲ୍ ଆର୍ଟ ଶୈଳୀରେ ନିର୍ମିତ। ପାର୍କର ସବୁଠାରୁ ବଡ଼ ସ୍ଥାପତ୍ୟ ୬୦ ଫୁଟ୍ ଉଚ୍ଚତା ବିଶିଷ୍ଟ, ଯାହାକୁ ତିଆରି କରିବା ପାଇଁ ୩ ବର୍ଷ ସମୟ ଲାଗିଥିଲା। ୨୫ ଟନ୍ ହେଉଛି ଏହାର ଓଜନ। ତେବେ ଖାସ୍ କଥା ହେଲା ଉକ୍ତ ପାର୍କ ହାଇୱେ ପାର୍ଶ୍ୱରେ ଅଛି। ତେଣୁ ଏହା ଏକ ସ୍ୱତନ୍ତ୍ର ରୋଡସାଇଡ୍ ଆକର୍ଷଣ ଅଟେ। ୧୦ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଏହି ପାର୍କରେ ନାରୀ, ପୁରୁଷ, ମାଛ, ଡ୍ରାଗନ୍, ପକ୍ଷୀ, ପ୍ରଜାପତି ଭଳି ୫୦ରୁ ଉର୍ଦ୍ଧ୍ୱ ଅଜବ ସ୍ଥାପତ୍ୟ ରହିଛି।

# ସବୁଠୁ ବଡ଼ ଥ୍ରୀଡି ପେଣ୍ଟିଂ



ଥ୍ରୀଡି ପେଣ୍ଟିଂ ଦିଏ ବାସ୍ତବତାର ସ୍ପର୍ଶ। ଏବେ ଏହି ଥ୍ରୀଡି ପେଣ୍ଟିଂର ବେଶ୍ ଚାହିଦା ରହିଛି। ଅନେକ କଳାକାର ନୂଆ ନୂଆ ଢଙ୍ଗରେ ଏହି ପେଣ୍ଟିଂ କରୁଛନ୍ତି। ତେବେ ଏହାକୁ ନେଇ ଅନେକେ ରେକର୍ଡ ବି କରିଛନ୍ତି। ଲଣ୍ଡନର କାନାରୀ ହ୍ୱାର୍ଫରେ ଷ୍ଟ୍ରିଟ୍ ଆର୍ଟିଷ୍ଟ ଜୋ ହିଲ୍ କରିଥିବା ଥ୍ରୀଡି ପେଣ୍ଟିଂ ତ ପୃଥିବୀର ସବୁଠାରୁ ବଡ଼ ଥ୍ରୀଡି ପେଣ୍ଟିଂ ଭାବେ ଗିନିଜ ୱାର୍ଲଡ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଏହି ପେଣ୍ଟିଂଟି ୧୨୦୦ ବର୍ଗ ଫୁଟ୍ ଅଞ୍ଚଳରେ କରାଯାଇଛି। ପେଣ୍ଟିଂଟି ଭୂମି ଉପରେ ଏକ ବଡ ଜଳପ୍ରପାତ ଓ ଗଭୀର ଖାଇ ଅଟେ। ଏହାକୁ ଏତେ ନିଖୁଣ ଓ ବାସ୍ତବ ରୂପେ କରାଯାଇଛି ଯେ, ଏହାର ପାର୍ଶ୍ୱରେ ଠିଆ ହେଲେ ମନରେ ଖାଇ ଭିତରେ ପଡ଼ିଯିବାର ଭୟ ସୃଷ୍ଟି ହୋଇଥାଏ।

